ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 JULY 2023

Vol.No. 35 ■ No. 190 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୨୦୨୪ରେ ଇଣ୍ଡିଆ ବନାମ ଏନଡିଏ ଲଢ଼େଇ

ନୂଆଦିଲ୍ଲୀ,୧୮/୦୭ : ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଜୋରଦାର ଲଢ଼େଇ ହେବ। ଗୋଟିଏ ପଟେ ଇଣ୍ଡିଆ ରହିଥିବା ବେଳେ ଅନ୍ୟପଟେ ରହିଛି ବିଜେପି ନେତୃତ୍ୱାଧୀନ ଘଉଇ। ବେଙ୍ଗାଲୁରୁରେ ଚାଲିଥିବା ବିରୋଧୀଙ୍କ ମହାବୈଠକରେ ୨୬ଟି ଦଳ ସାମିଲ ହୋଇ ନିଜର ନୂଆ ନାଁ ସମ୍ପର୍କରେ ଆଲୋଚନା କରିଛନ୍ତି। ସର୍ବସମ୍ମତିକ୍ରମେ ବିରୋଧୀ ମେଣ୍ଢ ଇଣ୍ଡିଆରେ ପରିଚୟ ହାସଲ କରିବ ବୋଲି ଜଣାପଡ଼ିଛି। ଇଣ୍ଡିଆ ପୂରା ନାଁ ହେଲା **Indian National Democratic Inclusive Alliance**। ବାମ ଦଳ ପକ୍ଷରୁ ଆଲିଆନ୍ସ ଶବ୍ଦକୁ ବିରୋଧ କରାଯାଇଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ବିରୋଧୀ ମେଣ୍ଢର ନାଁ ଇଣ୍ଡିଆ ରହିବ ବୋଲି ସ୍ଥିର କରାଯାଇଛି। ପୂର୍ବରୁ କଂଗ୍ରେସ ନେତୃତ୍ୱରେ ୟୁପିଏ ଗଠନ ହୋଇଥିଲା। କିନ୍ତୁ ମହାବୈଠକରେ ୟୁପିଏ ନାଁକୁ ବିରୋଧୀ ଦଳଗୁଡ଼ିକ ଗ୍ରହଣ କରି ନଥିଲେ। ତେଣୁ ସର୍ବସମ୍ମତିକ୍ରମେ ବିରୋଧୀ ମହାମେଣ୍ଢର ନାଁ ଓଘଉଓଇ ରଖାଯାଇଛି। ଏହାର ଅଧକ୍ଷ କିଏ ହେବେ, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ ବୈଠକର ପ୍ରଥମ ଦିନରେ ସୋନିଆ ଗାନ୍ଧିଙ୍କ ନାଁ ଏହି ପଦ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏବେ ଦ୍ୱିତୀୟ ଦିନରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ବୈଠକରେ ଉପସ୍ଥିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, "ଏଠାରେ ସକାରାତ୍ମକ ଆଲୋଚନା ହୋଇଛି। ଆଜି ବୈଠକରେ ଯେଉଁ ସବୁ ନିଷ୍ପତ୍ତି ଓ ଆଲୋଚନା ହୋଇଛି, ସେଗୁଡ଼ିକ ପରବର୍ତ୍ତୀ ସମୟରେ ଦେଶ ତଥା ଦେଶବାସୀଙ୍କ ପାଇଁ ଲାଭଦାୟକ ହେବ।" ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ୧୦ ବର୍ଷର ଶାସନ ଭିତରେ ମୋଦି ସବୁ କ୍ଷେତ୍ରକୁ ପ୍ରାୟତଃ ବରବାଦ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି।

ବିରୋଧୀଙ୍କ ବେଙ୍ଗାଲୁରୁ ବୈଠକ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୮/୦୭ (ନି.ପ୍ର): ବେଙ୍ଗାଲୁରୁରେ ବିରୋଧୀ ଦଳ ଗୁଡ଼ିକ ବିଜେପି ବିରୋଧରେ କରୁଥିବା ମହାବୈଠକ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିରୋଧୀ ୨୦୨୪ ପୂର୍ବରୁ ବେଙ୍ଗାଲୁରୁରେ ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ଦିଲ୍ଲୀରେ ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟ ବୈଠକ କରୁଛି। ଏହି ମହାମେଳି ପଲିଟିକ୍ସ ଭିତରେ ପ୍ରଧାମନ୍ତ୍ରୀ ମୋଦି ବିରୋଧୀଙ୍କ ମହାବୈଠକକୁ କଟାକ୍ଷ କରିଛନ୍ତି। ବିରୋଧୀ ଦଳ ଗୁଡ଼ିକ ଦେଶର କଲ୍ୟାଣ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ବିରୋଧୀ ଦଳଗୁଡ଼ିକ ବଂଶବାଦ ରାଜନୀତିର ପ୍ରଚାର ପ୍ରସାର କରୁଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଏହି ସବୁ(ବିରୋଧୀ ମେଣ୍ଢ) ଦଳଗୁଡ଼ିକର ଗୋଟିଏ ଲକ୍ଷ୍ୟ ହେଲା, ପରିବାର ଦ୍ୱାରା ଓ ପରିବାର ପାଇଁ।" ପୋର୍ଟ ବ୍ଲେୟାର ଏୟାରପୋର୍ଟର ନୂଆ ଇଣ୍ଟିଗ୍ରେଟେଡ ଟର୍ମିନାଲ ବିଲଡିଂ ଉଦଘାଟନ କରି ମୋଦି ଆହୁରି କହିଛନ୍ତି, " ଗଣତନ୍ତ୍ରରେ ସବୁ କିଛି ଲୋକ ମାନଙ୍କ ପାଇଁ, ଲୋକଙ୍କ ମାନଙ୍କ ଦ୍ୱାରା ହୋଇଥାଏ। କିନ୍ତୁ ବଂଶବାଦକୁ ପ୍ରୋତ୍ସାହିତ କରୁଥିବା ଦଳଗୁଡ଼ିକ ପାଇଁ ସବୁ କିଛି ପରିବାର ଦ୍ୱାରା ଓ ପରିବାର ପାଇଁ। ସେମାନଙ୍କ ପାଇଁ ପରିବାର ଆଗ, ଦେଶ କିଛି ନୁହଁ। ଏହା ହିଁ ସେମାନଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଲୋକମାନେ କହୁଛନ୍ତି ଏହି ବୈଠକ(ବିରୋଧୀଙ୍କ ବୈଠକ) ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜନ କରାଯାଇଛି। ଏହି ନେତାମାନେ ୨୦ ଲକ୍ଷ କୋଟି

▶▶ପୃଷ୍ଠା ୭

ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଦୁଇ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୮/୦୭ (ନି.ପ୍ର): କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବୀମା ରାଶିର ପରିମାଣ ଦୁଇ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ଏହି ଘୋଷଣା କରିଛନ୍ତି। ଏହା ଦ୍ୱାରା ରାଜ୍ୟର ୮୭୧୭ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ଉପକାର ପାଇବେ। ସୂଚନାଯୋଗ୍ୟ ଯେ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଥିଲା। ବର୍ତମାନ ଏହା ପାଂଚ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ଦ୍ୱାରା ସାମ୍ବାଦିକ ଓ ତାଙ୍କ ପରିବାର ଉନ୍ନତ ଚିକିତ୍ସା ସେବା ପାଇ ପାରିବେ।

ଏନଏଚରେ ୧୦ ଫୁଟ୍ ତଳକୁ ଦବିଲା ବ୍ରିଜ୍: ବାଲେଶ୍ୱର-ଭୁବନେଶ୍ୱର ଯାତାୟତ ବାଧାପ୍ରାପ୍ତ

ଯାଜପୁର , ୧୮/୦୭ (ନି.ପ୍ର): ଯାଜପୁର ଜାତୀୟ ରାଜପଥ-୧୬ରେ ଭୁଶୁଡିଲା ବ୍ରିଜ୍ । ରସୁଲ୍‌ପୁର ବ୍ଲକ ନିକଟରେ ଭୁଶୁଡିଛି ବ୍ରିଜ୍ । ଯାହାଫଳରେ ବାଲେଶ୍ୱରରୁ ଭୁବନେଶ୍ୱର ମଧ୍ୟରେ ଯାତାୟତ ଠପ୍ ରହିଛି । ରାସ୍ତାରେ ଉଭୟ ପାର୍ଶ୍ୱରେ ଅନେକ ଗାଡି ମଟର ଅଟକି ରହିଛି । ଖବର ଅନୁଯାୟୀ, ଯାଜପୁର ଜାତୀୟ ରାଜପଥ-୧୬ରେ ରସୁଲପୁର ନିକଟ ଥିବା ଏକ ବ୍ରିଜ୍ ମଙ୍ଗଳବାର ହଠାତ୍ ଦବିଯାଇଥିଲା । ପ୍ରାୟ ୧୦ ଫୁଟ୍ ତଳକୁ ଦବିଯାଇଛି ବ୍ରିଜ୍ । ଯାହାଫଳରେ ଉକ୍ତ ବ୍ରିଜ୍‌ରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ବ୍ରିଜ୍ ଉଭୟ ପଟେ ଅନେକ ଗାଡି ମଟର ଅଟକି ରହିଛି । ଏପିରିକି ବାଲେଶ୍ୱର ଏବଂ ଭୁବନେଶ୍ୱର ମଧ୍ୟରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ତେବେ ବ୍ରିଜ୍‌ଟି କିଭଳି ପରିସ୍ଥିତିରେ ଦବିଲା । ତାହା ଏବେ ସୁଦ୍ଧା ଅସ୍ପଷ୍ଟ ରହିଛି । ଲଗାଣ ବର୍ଷା ଲାଗି ବ୍ରିଜ୍ ଦବିଛି ନା ଏହା ପଛରେ ଆଉ କଣ କାରଣ , ତାହା ତଦନ୍ତ ପରେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ । ସେପଟେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରୁଛି ।

୧୧ ଜଣିଆ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଗିରଫ

ଭୁବନେଶ୍ୱର,୧୮ ଜୁଲାଇ - ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି କମିଶନରେଟ ପୋଲିସ। ଚଢ଼ି ଗଞ୍ଜି ପିନ୍ଧି ଚୋରି କରୁଥିବା ଏହି ଗ୍ୟାଙ୍ଗର ୧୧ ଜଣଙ୍କୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ ଓ ଧଉଳି ଥାନା ପୋଲିସ । ଧଉଳି ଅଂଚଳରୁ ଧରା ହୋଇଛନ୍ତି ଏହି ଗ୍ୟାଙ୍ଗ। ସେମାନଙ୍କ ନିକଟରୁ କେତେକ ଘର ଭାଙ୍ଗିବା ପାଇଁ ବ୍ୟବହୃତ ଜିନିଷ ଜବତ ହୋଇଛି। ଜାମସେଦପୁର ଓ ଦିଲ୍ଲୀରୁ ଲୋକ ଆସି ଲୁଟ ସାମଗ୍ରୀ ନିଅନ୍ତି। ରାଜସ୍ଥାନ, ଛତିଶଗଡ଼ ଓ ଝାରଖଣ୍ଡରୁ ଆସି ଏମାନେ ଏମିତି ଲୁଟ କରନ୍ତି। ରାଜଧାନୀର ବିଭିନ୍ନ ଥାନାରେ ଏମାନଙ୍କ ନାଁରେ ଅନେକ ମାମଲା ରହିଥିବା ଜଣାଯାଇଛି।

▶▶ପୃଷ୍ଠା ୭

ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଆଉ ନାହାଁନ୍ତି

ବାଲେଶ୍ୱର, ୧୮/୦୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ଓକାକ୍‌ର ପ୍ରଶାସନିକ ଅଧିକାରୀ ସାହିତ୍ୟିକ ପ୍ରବୋଧ କୁମାର ରାଉତଙ୍କ ପରଲୋକ ହୋଇଯାଇଛି। ଦୁର୍ଘଟଣାର ଶିକାର ହୋଇ ଅଶ୍ୱିନୀ ହସ୍ପିଟାଲର ଟ୍ରମା ସେଣ୍ଟରରେ ଚିକିତ୍ସିତ ହେଉଥିଲେ। ସୂଚନାଯୋଗ୍ୟ ଯେ ୧୬.୭.୨୩ ତାରିଖ ସକାଳ ପ୍ରାୟ ୮ଟା ସମୟରେ କଟକ ବିଜୁ ପଟ୍ଟନାୟକ ଛକ ନିକଟରେ ସ୍କୁଟିରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ସଂଧ୍ୟାରେ ପରଲୋକ ଘଟିଥିଲା। ସେ ଜଣେ ଦକ୍ଷ ଓ କର୍ମଠ ପ୍ରଶାସନିକ ଅଧିକାରୀ। ସାହିତ୍ୟ ଏକାଡେମୀର ଦୀର୍ଘ ୭ ବର୍ଷର ପୁରସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥିଲାବେଳେ ୩ ବର୍ଷର ସମ୍ବର୍ଦ୍ଧନା ଓ ଅତୀବଡ଼ୀ ପୁରସ୍କାର ପ୍ରଦାନକୁ ନିକଟରେ ସମ୍ପନ୍ନ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ରାଜ୍ୟର ଲେଖକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଥିଲାବେଳେ ସାହିତ୍ୟ ଏକାଡେମୀର ରାଜ୍ୟ ସରକାରଙ୍କ ପ୍ରତିନିଧି କବି କାଳୀପଦ ପଣ୍ଡା ଗଭୀର ଶୋକବ୍ୟକ୍ତ କରି ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଅର୍ପଣ କରିଛନ୍ତି।

ବିଜେପି ଓ ବିଜେଡି ଗୋଟିଏ: ନରସିଂହ ମିଶ୍ର

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ବିଜେପି ଓ ବିଜେଡିକୁ ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କଟାକ୍ଷ କରିଛନ୍ତି। ସେ ଉଭୟ ଦଳକୁ ଗୋଟେ ବୋଲି କହିଛନ୍ତି । ସେ କହିଛନ୍ତି, ବିଜେଡି ସମଦୂରତା କଥା କହୁଛି ହେଲେ କାର୍ଯ୍ୟରେ ବିଜଡି ବିଜେପି ସହ ଅଛି । ସେ କହିଛନ୍ତି ଯେ. ବିଜେପି ଓଡ଼ିଶାରେ ୫ଟଟି ସଚିବଙ୍କ ବିରୋଧରେ କହୁଛି । ହେଲେ କେନ୍ଦ୍ରରେ ବିଜେପି ସରକାର ରହିଛି । କେନ୍ଦ୍ରରେ ବିଜେପି ସରକାର ଥିବାରୁ ସେ ଚାହିଁଲେ କେନ୍ଦ୍ରକୁ ଡାକିନେଇ ପାରିବେ । ଶ୍ରୀ ମିଶ୍ର କହିଛନ୍ତି ଯେ ତାହା ନକରି ମୁଖ୍ୟ ସଚିବଙ୍କୁ ଚିଠି ଲେଖି ବିଜେପି ନେତା ମାନେ ଭ୍ରମିତ କରୁଛନ୍ତି । ସେ କହିଛନ୍ତି ଯେ ସବୁ ବିଲ୍‌ରେ ଲୋକସଭା, ରାଜ୍ୟସଭାରେ ବିଜେଡି ସମର୍ଥନ କରୁଛି । ଭୟ ଅଛି ବୋଲି ବିଜେଡି ଏପରି କରୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଅନ୍ୟ ଆଡେ ତଦନ୍ତକାରୀ ସଂସ୍ଥା ରେଡ୍ କରୁଛି ହେଲେ ଓଡ଼ିଶାରେ କରୁ ନାହିଁ । ଏଥିରୁ ପ୍ରମାଣିତ ସେମାନେ ଗୋଟେ ବୋଲି ସେ କହିଛନ୍ତି ।

ନିତି ଆୟୋଗ ରିପୋର୍ଟ: ମାଲକାନଗିରି ସବୁଠୁ ଗରିବ ଜିଲ୍ଲା

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଗତ ପାଞ୍ଚ ବର୍ଷ ଭିତରେ ଦେଶରେ ଦାରିଦ୍ର୍ୟ ଦୂରୀକରଣରେ ବଡ଼ ଧରଣର ସଫଳତା ମିଳିଛି। ସାରା ଦେଶରେ ରେକର୍ଡ ୧୩.୫ କୋଟି ଲୋକ ଦାରିଦ୍ର୍ୟ ରାକ୍ଷାସ କବଳରୁ ମୁକ୍ତି ପାଇଛନ୍ତି। ୫ ବର୍ଷ ଭିତରେ ଓଡ଼ିଶାର ୬୨ ଲକ୍ଷ ୬୨ ହଜାର ଲୋକ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି। ନୀତି ଆୟୋଗର ସଦ୍ୟ ପ୍ରକାଶିତ ଦ୍ୱିତୀୟ ସଂସ୍କରଣ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚୀରୁ ଏହା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ଏହି ସଫଳତା ମିଳିଛି। ଓଡ଼ିଶାରେ ଦାରିଦ୍ର୍ୟ ହାର ୨୯.୩୪ ପ୍ରତିଶତରୁ ୧୫.୮୬ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମୀଣ ଦାରିଦ୍ର୍ୟ ହାର ୩୨.୬୪ ପ୍ରତିଶତରୁ ୧୭.୭୨ ପ୍ରତିଶତକୁ ଖସିଥିବା ବେଳେ ସହରାଞ୍ଚଳରେ ସେହି ହାର ୧୨.୩୨ ପ୍ରତିଶତରୁ ୫.୪୨ ପ୍ରତିଶତକୁ ହ୍ରାସ ପାଇଛି। ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନାଗିରି ଦାରିଦ୍ର୍ୟ ହାର ରାଜ୍ୟରେ ସର୍ବାଧିକ ୪୫.୦୧ ପ୍ରତିଶତ ଥିବା ବେଳେ ପୁରୀରେ ସର୍ବନିମ୍ନ ୩.୨୯ ପ୍ରତିଶତ ରହିଛି। ସେହିପରି କୋରାପୁଟରେ ୩୩.୫୪ ପ୍ରତିଶତ, ନବରଙ୍ଗପୁରରେ ୩୩.୪୫ ପ୍ରତିଶତ ଓ ମୟୂରଭଞ୍ଜରେ ୩୦.୫୭ ପ୍ରତିଶତ ଦାରିଦ୍ର୍ୟ ହାର ରହିଛି। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ, ନୟାଗଡ଼, ଝାରସୁଗୁଡ଼ା, ସୋନପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର ଓ ସମ୍ବଲପୁରରେ ଦାରିଦ୍ର୍ୟ ହାର ୧୦ ପ୍ରତିଶତରୁ କମ୍ ରହିଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ହାର ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ରହିଛି। ନୀତି ଆୟୋଗ ରିପୋର୍ଟ ଅନୁସାରେ, ୨୦୨୧ର ବହୁମୁଖୀ ଦାରିଦ୍ର୍ୟ ସୂଚୀରେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମେଘାଳୟ, ଆସାମ, ଛତିଶଗଡ, ରାଜସ୍ଥାନ ପରେ ଓଡ଼ିଶା ଥିଲା। ଦେଶର ନବମ ଗରିବ ରାଜ୍ୟ। କିନ୍ତୁ ଚଳିତ ସଂସ୍କରଣରେ ଓଡ଼ିଶା ଗରିବୀ ରାଜ୍ୟ ତାଲିକାରେ ଆଉ ଗୋଟେ ସ୍ଥାନ ତଳକୁ ଖସି ଦେଶର ଅଷ୍ଟମ ଗରିବ ରାଜ୍ୟରେ ପରିଣତ ହୋଇଛି। ରାଜସ୍ଥାନ ଅଷ୍ଟମ ଗରିବ ରାଜ୍ୟରୁ ତଳକୁ ଖସି ସପ୍ତମ ସ୍ଥାନରେ ପହଞ୍ଚିଛି। ନୀତି ଆୟୋଗର ଉପାଧକ୍ଷ ସୁମନ ବେରି ଏହି ରିପୋର୍ଟକୁ ଉନ୍ମୋଚନ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଧାରଣ ମାନ ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଆଧାରରେ ନିତି ଆୟୋଗ ଏହି ରିପୋର୍ଟ ପ୍ରସ୍ତୁତ କରିଛି।

ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଲା ମେମୁ ଟ୍ରେନ୍: ବଞ୍ଚିଗଲା ଶତାଧିକ ଯାତ୍ରୀଙ୍କ ଜୀବନ

ବାଲେଶ୍ୱର, ୧୮/୦୭ (ନି.ପ୍ର): ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଲା ଭଦ୍ରକରୁ ବାଲେଶ୍ୱର ଯାଉଥିଲା ମେମୁ ଟ୍ରେନ୍। ବଞ୍ଚିଗଲା ଶତାଧିକ ଯାତ୍ରୀଙ୍କ ଜୀବନ। ଆଜି ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ନୀଳଗିରି ରୋଡ୍ ବରୁଣସିଂ ଷ୍ଟେସନ ପାଖରେ ଏହି ଘଟଣା ଘଟିଛି। ଏହି ଟ୍ରେନ୍ କୌଣସି କାରଣରୁ ଲୁପ ଲାଇନରେ ପଶି ଯାଇଥିଲା। ତେବେ ସିଗନାଲ କିମ୍ବା ଟ୍ରାକର ତ୍ରୁଟି ଜଣା ପଡିନଥିବା ବେଳେ ଲୋକ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ହଜାର ହଜାର ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। ନୀଳଗିରି ରୋଡ଼ରେ ଦୁଇ ଘଣ୍ଟାରୁ ଅଧିକ ସମୟ ଟ୍ରେନଟି ରହିଥିବା ବେଳେ ଲୋକ ପାଇଲଟ ଗାଡିକୁ ପଛକୁ ବ୍ରେକ କରି ପୁଣି ବାଲେଶ୍ୱର ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଟ୍ରେନ୍ ଲୋକପାଇଲଟ୍‌ଙ୍କ କହିବା ମୁତାବକ ଟ୍ରାକ୍ ବିପରିତ ଦିଗକୁ କ୍ରାସ କରି ଯାଇଥିଲା। ଟ୍ରାକ୍ ନର୍ମାଲ ଲାଇନ୍‌ରେ ନ ଥିଲା। ତେବେ ଏଥିଯୋଗୁ ଦୁର୍ଘଟଣା ବା ଟ୍ରେନ୍ ଲାଇନ୍ ଚ୍ୟୁତ୍ ହୋଇନଥାଆନ୍ତା। ଏପରି ହୋଇଥିଲେ ଏହି ଟ୍ରେନ୍ ଯିବା ପରେ ପଛରେ ଆସୁଥିବା ଗାଡ଼ିଗୁଡ଼ିକ ପଛକୁ ପଛ ଯିବା ବିଳମ୍ବ ହୋଇଥାଆନ୍ତା। ଟ୍ରେନ୍ ଟ୍ରାକ୍‌ରେ କ୍ଷତି ହୋଇଥାଆନ୍ତା। ତେଣୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରେନ୍‌କୁ ପଛକୁ ଅଣାଯାଇଥିଲା। ଟ୍ରେନ୍ ଟ୍ରାକ୍ କାମ କରିବା ବେଳେ କିଛି ଭୁଲଭାଲ କରିବା ଯୋଗୁ ଏହି ସମସ୍ୟା ହୋଇଥାଇପାରେ।

ସୃଷ୍ଟି ହେଲା ଘୁର୍ଣ୍ଣିବଳୟ : ୪୮ ଘଂଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଓଡିଶା ଉପକୂଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ବାୟୁମଣ୍ଡଳରେ ସମୁଦ୍ର ପତନ ଠାରୁ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି। ଏହା ପ୍ରଭାବରେ ଆଗାମୀ ୪୮ ଘଂଟା ମଧ୍ୟରେ ଉତର-ପଶ୍ଚିମ ବଙ୍ଗୋପସାଗରଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ପ୍ରଭାବରେ କିଛି ଜିଲ୍ଲାର ପ୍ରବଳ ରୁ ଅତି ପ୍ରବଳ ବର୍ଷା ସମ୍ଭାବନା ହେତୁ ଅକସ୍ମାତ ବନ୍ୟା ପରିସ୍ଥିତି ଉପୁଜିପାରେ। ତଳୁଆ ଅଂଚଳରେ ପାଣିଜମିବା ସହ ସହର ଅଂଚଳରେ ଟ୍ରାଫିକ ଜନିତ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ମାଲକାନଗିରି , କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାର ପାହାଡିଆ ଅଂଚଳରେ ଭୂସ୍କଳନ ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ସକ୍ରିୟ ମୌସୁମୀ ପ୍ରବାହ ତଥା ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡିଶା ଉପକୂଳ ତଥା ପାର୍ଶ୍ୱବର୍ତୀ ଉତରପଶ୍ଚିମ ତତସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଝଡ଼ପବନ ତଥା ଝଟକା ପବନର ଘଂଟାପ୍ରତି ବେଗ ୪୦ ରୁ ୫୦କିମି ସମ୍ଭାବନା ହେତୁ ସମୁଦ୍ର ଅଶାନ୍ତ ରହିପାରେ।

▶▶ପୃଷ୍ଠା ୭

ନୂଆପଡ଼ାରେ ଭାଲୁ-ମଣିଷ ଲଢ଼େଇ: ୬ ବର୍ଷରେ ମଲେଣି ୧୧ ଭାଲୁ, ୬ ମଣିଷ

ନୂଆପଡ଼ା , ୧୮/୦୭ (ନି.ପ୍ର): ବଣ ପାହାଡ଼ ଘେରା ନୂଆପଡ଼ା ଜିଲ୍ଲାରେ ଭାଲୁ ଓ ମଣିଷ ମଧ୍ୟରେ ଲଢ଼େଇ ବର୍ଷ ବର୍ଷ ଧରି ଲାଗିରହିଛି । ସଂଘର୍ଷରେ କେତେବେଳେ ମଣିଷଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ଭାଲୁର ଜୀବନ ଯାଉଛି । ଗତ ୬ ବର୍ଷର ରିପୋର୍ଟକୁ ଅନୁଧ୍ୟାନ କଲେ ଡରାଇଲା ଭଳି ତଥ୍ୟ ସାମ୍ନାକୁ ଆସୁଛି । ଏହି ସମୟ ମଧ୍ୟରେ ଜିଲ୍ଲାରେ ଭାଲୁ-ମଣିଷ ସଂଘର୍ଷରେ ୧୧ଟି ଭାଲୁ ଓ ୬ ଜଣ ମଣିଷଙ୍କ ଜୀବନ ଯାଇଛି । ତଥାପି ଜିଲ୍ଲା ପ୍ରଶାସନ କି ବନ ବିଭାଗ ପକ୍ଷରୁ ଏହାର ଠୋସ୍ ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ । ନୂଆପଡ଼ା ଜିଲ୍ଲାର ସୀମାନ୍ତରେ ସୁନାବେଡ଼ା ଅଭୟାରଣ୍ୟ ରହିଛି । ପ୍ରାୟ ସବୁ ଗାଁକୁ ସଂଲଗ୍ନ ହୋଇ ରହିଛି ଛୋଟ ବଡ଼ ପାହାଡ଼ । ସୁନାବେଡ଼ା ଅଭୟାରଣ୍ୟ ହେଉ କି ଛୋଟ ବଡ଼ ଜଙ୍ଗଲ ସବୁଠି ଭାଲୁ ସହ ଅନ୍ୟ ହିଂସ୍ର ପ୍ରାଣୀ ବସବାସ କରୁଛନ୍ତି । ଏଠାକାର ଜଙ୍ଗଲରେ ବହୁ ଗୁମ୍ଫା ରହିଛି । ?ଭାଲୁ ରହିବା ପାଇଁ ଏହା ଉପଯୁକ୍ତ ସ୍ଥାନ । ଏଭଳି ସ୍ଥିତିରେ ଦିନକୁ ଦିନ ଭାଲୁ ବଂଶ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ଚାଷବାସ ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥାନ୍ତି । ଏଭଳି ସ୍ଥିତିରେ ଚାଷଜମି ଓ ଜଙ୍ଗଲ ଯିବା ବାଟରେ ଲୋକେ ଭାଲୁ ହାବୁଡ଼ରେ ପଡୁଛନ୍ତି । ଗତ ରବିବାର ପୁଣି କୋମନା ଥାନା ବିରୁନପଦର ଗାଁରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ?ବେଳେ ପୁଅ ଗୁରୁତର ଆହତ ହୋଇଥିଲେ । ସୂଚନା ଅନୁସାରେ ଗତ ୬ ବର୍ଷରେ ଭାଲୁ ଆକ୍ରମଣରେ ଜଣେ ମହିଳା ଓ ୫ ଜଣ ପୁରୁଷଙ୍କ ପ୍ରାଣହାନି ଘଟିଛି । ୨୦୧୯ ଜୁଲାଇ ୪ ତାରିଖ ଦିନ ସିନାପାଲି ରେଞ୍ଜ ଅଧୀନ ଝାରବନ୍ଧ ଗାଁର ଚାଷୀ ଲମ୍ବୋଦର ବାଗ (୫୫ବର୍ଷ) ଭାଲୁ ଆକ୍ରମଣରେ ପ୍ରାଣ ହରାଇଥିଲେ । ୨୦୨୧ ଫେବୃଆରି ୧୧ ତାରିଖ ଦିନ ସଦର ବ୍ଲକ୍ ଭରୁଆମୁଣ୍ଡା ପଞ୍ଚାୟତ ଛୋଟ ଲୋଡ଼ା ଜଙ୍ଗଲକୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇ ଭାଲୁ ଆକ୍ରମଣରେ ଭାନୋବାଈ ମାଝୀ (୪୭ବର୍ଷ)ଙ୍କ ମୃତ୍ୟୁ ହୋଇଥିଲା । ୨୦୨୨ ଜୁଲାଇ ୧୫ ତାରିଖ ଦିନ କୋମନା ବ୍ଲକ୍ ସମରସିଂ ଗାଁ ନିକଟ ଲୁହାଖେନଖୋଲ ଜଙ୍ଗଲରେ ଭାଲୁ-ମଣିଷ ଲଢ଼େଇ ହୋଇଥିଲା । ସେଠାରେ ରକ୍ତମୁଖା ଭାଲୁ ପ୍ରଥମେ ରତନ ମାଝୀ (୬୦ବର୍ଷ)ଙ୍କୁ ମାରି ମୃତଦେହକୁ ଜଗି ରହିଥିଲା । ଗାଁ ଲୋକେ ତାଙ୍କୁ ଖୋଜିବାକୁ ଯାଇଥିବା ବେଳେ ନକୁଲ ମାଝୀ(୬୦ବର୍ଷ), ରବି ରଣା (୨୭ବର୍ଷ)ଙ୍କୁ ମଧ୍ୟ ଭାଲୁ ଆକ୍ରମଣ କରି ମାରି ଦେଇଥିଲା । ଗାଁର ପରମେଶ୍ୱର ମାଝୀ(୫୦ବର୍ଷ) ଓ କୁନା ମାଝୀ (୨୬ବର୍ଷ) ଗୁରୁତର ଆହତ ହୋଇଥିଲେ । ୨୦୨୨ ଏପ୍ରିଲ ୭ ତାରିଖ ଦିନ ସଦର ବ୍ଲକ୍ କୁନାନୀ ଗାଁର ମହିଳା ସୂର୍ଯ୍ୟମତୀ ନିଆଲ(୬୦ବର୍ଷ) ମହୁଲ ଗୋଟାଇବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ୨୦୨୨ ଜୁଲାଇ ୨୬ରେ ସଦର ବ୍ଲକ୍ ବୁଏରଭାଡ଼ି ଗାଁର ମାଳତୀ ମାଝୀ (୪୦ବର୍ଷ) ଚାଷଜମିରେ ଘାସ ସଫା କରୁଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ଚଳିତ ବର୍ଷ ଆଜି ପର୍ଯ୍ୟନ୍ତ ୪ ଜଣଙ୍କୁ ଭାଲୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଗତ ରବିବାର ବିରୁନପଦର ଗ୍ରାମର ଘନଶ୍ୟାମ ପଟେଲ (୭୦ବର୍ଷ)ଙ୍କୁ ଭାଲୁ ଆକ୍ରମଣ କରି ମାରି ଦେଇଥିଲା । ସେହିପରି ୬ ବର୍ଷ ମଧ୍ୟରେ ଉଭୟକ୍ତ ଲୋକେ ୧୧ଟି ଭାଲୁଙ୍କୁ ମାରିଥିବା ମଧ୍ୟ ଜଣାପଡ଼ିଛି । ସେହିପରି ଟ୍ରେନ୍‌ରେ କଟି ଭାଲୁ ମରିଥିବା ନଜିର ମଧ୍ୟ ରହିଛି । ଜିଲ୍ଲାର ଜଙ୍ଗଲଗୁଡ଼ିକରେ ଦିନକୁ ଦିନ ଖାଦ୍ୟ ଓ ପାନୀୟ ଜଳ ଅଭାବ ହେତୁ ଭାଲୁମାନେ ଗାଁମୁହାଁ ହେଉଛନ୍ତି । ଭାଲୁ ରହୁଥିବା ଜଙ୍ଗଲରେ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା କରିବା ସହ ଜଙ୍ଗଲକୁ ପାଚେରି ଦେବାର ନିୟମ ରହିଛି । ଏହାଦ୍ୱାରା ଭାଲୁ ଓ ମଣିଷ ସୁରକ୍ଷିତ ରହିପାରିବେ । ତେଣୁ ଜିଲ୍ଲା ପ୍ରଶାସନ ତଥା ବନ ବିଭାଗ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ଜରୁରି ହୋଇପଡ଼ିଥିବା ପରିବେଶବିତ୍ ମହଲରେ ପ୍ରକାଶ ପାଉଛି ।

ପାଣ୍ଡିଆବିଲିଠାରେ ସ୍ଥାୟୀବନ୍ଧ ନିର୍ମାଣ ନେଇ ଅନିଶ୍ଚିତତା

ଖୋର୍ଦ୍ଧା, ୧୮/୦୭ (ନି.ପ୍ର): ଖୋର୍ଦ୍ଧା ଜିଲା ଦେଇ ବହି ଯାଇଥିବା ଦୟାନଦର ଶାଖାନଦୀର ଶାଖା ରାଜୁଆ ନଦୀକୁ ଖୋର୍ଦ୍ଧାର ଦୁଃଖ ବୋଲି କୁହାଯାଉଛି । ରାଜୁଆ ନଦୀର ଜଳ ପରିଚାଳନାରେ ପ୍ରାଶାସନିକ ଅବହେଳା ଏହାର ଅନ୍ୟତମ କାରଣ । ରାଜୁଆ ନଦୀରେ ବ୍ୟାରେଜ ନିର୍ମାଣ ହେଉ କିମ୍ବା ପାଣ୍ଡିଆବିଲି ନିକଟରେ ସ୍ଥାୟୀ ବନ୍ଧ ନିର୍ମାଣ ବିଭିନ୍ନ କାରଣରୁ ଗତ ଦୁଇ ତିନି ଦଶନ୍ଧୀ ଧରି ଲଟକି ରହିଛି । ରାଜୁଆ ବ୍ୟାରେଜ୍‌ର ନିର୍ମାଣ ୯୦ ଭାଗ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହାର କେନାଲ୍‌ରେ ପାଣି ଆସୁନଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ତେବେ ନିକଟରେ କେନ୍ଦ୍ରୀୟ ଜଳସେଚନ ସର୍କିଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଚିଠି ପରେ ପାଣ୍ଡିଆବିଲିଠାରେ ଏକ ସ୍ଥାୟୀ ସୁରକ୍ଷା-ବନ୍ଧ ନିର୍ମାଣ ନେଇ ଅନିଶ୍ଚିତତା ଦେଖା ଦେଇଛି । ତେବେ ପାଣ୍ଡିଆବିଲି ଠାରେ ଅସ୍ଥାୟୀ ଚେକ୍‌ଡ୍ୟାମ୍(ସୁରକ୍ଷା ବନ୍ଧ) ପରିବର୍ତ୍ତେ ଏକ ସ୍ଥାୟୀ ବନ୍ଧ ନିର୍ମାଣ କରିବାକୁ ଗତ ଦୁଇ ବର୍ଷ ହେବ ଗ୍ରାମବାସୀମାନେ ଦାବି କରିଆସୁଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ଓ ଅପ୍ରିଲ୍ ମାସରେ ଓରବରସିଂହ, ନରଣଗଡ଼, ବ୍ରଜମୋହନପୁର, ଦିବ୍ୟସିଂହପୁର ଆଦି ପଂଚାୟତର ବାସିନ୍ଦା ଜିଲ୍ଲାପାଳଙ୍କୁ ଏକାଧିକ ଥର ସାକ୍ଷାତ କରି ଏକ ସ୍ଥାୟୀ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ଦାବି କରିଥିଲେ । ଏନେଇ ଜିଲ୍ଲାପାଳ ମଧ୍ୟ ୨୪ ଅପ୍ରିଲ୍ ୨୦୨୩ରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ୨୪ ମଇ ୨୦୨୩ର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମଧ୍ୟ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପରେ ଖୋର୍ଦ୍ଧା ଜଳସେଚନ ଯନ୍ତ୍ରୀ, ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ଯନ୍ତ୍ରୀ, ଖୋର୍ଦ୍ଧା ଉପଜିଲ୍ଲାପାଳ, ରାଜୁଆ ଜଳସେଚନ ଉପଖଣ୍ଡର ସହକାରୀ ଯନ୍ତ୍ରୀଙ୍କୁ ନେଇ ଏକ କମିଟି ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ପାଣ୍ଡିଆବିଲି ଠାରେ ସ୍ଥାୟୀ ସୁରକ୍ଷା ବନ୍ଧ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ମାନେ ଯାଇଥିଲେ । ତେବେ ଯାଂଚ ସମୟରେ ଦୟାନଦୀର ପାଣ୍ଡିଆବିଲି ଏକ ଅସ୍ଥାୟୀ ଡ୍ୟାମ ନିର୍ମାଣ କରି ରବି ଫସଲକୁ ପାଣି ଯୋଗାଇବା ଓ ଆଖପାଖର ଗାଁକୁ ଯାତାୟତର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ । ବର୍ତମାନ, ମହାନଦୀ-କାଠଯୋଡ଼ି ନଦୀ ଉପତ୍ୟାକାର ମୁଖ୍ୟଯନ୍ତ୍ରୀ ତଥା ଉପତ୍ୟାକା ପରିଚାଳକ ନିକଟକୁ କେନ୍ଦ୍ରୀୟ ଜଳସେଚ ସର୍କିଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଚିଠି ଲେଖି ସେଠାରେ ସ୍ଥାୟୀ ବନ୍ଧ ନିର୍ମାଣ ଦ୍ୱାରା ବନ୍ୟା ସମସ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି । ଜୁଲାଇ ୧୨ ତାରିଖରେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି ଯେ ରାଜୁଆ ଡାଇଭର୍ସନ ୱେୟରର କ୍ରେଷ୍ଟସ୍ତରକୁ ୩.୫୦ ମିଟର ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ରାଜୁଆ ନଦୀର ବାମ ଓ ଦକ୍ଷୀଣ କେନାଲ୍‌ର ପୃଷ୍ଠ ଯଥାକ୍ରମେ ୩.୫୦ ଓ୩.୪୦ ମିଟର ରହିଛି । ପାଣ୍ଡିଆବିଲି ଠାରେ (ଆର୍‌ଡି୨୦)ରାଜୁଆ ନଦୀର ପୃଷ୍ଠ ୨.୩୬ ମିଟର ରହିଛି । ଏହି ପରିପ୍ରେକ୍ଷୀରେ ଆକଳନ ପରେ କେନାଲ୍‌ର ଶେଷ ମୁଣ୍ଡକୁ ଜଳ ଯୋଗାଣ ପାଇଁ ଦୟାନଦୀରେ ୨.୫୪ ମିଟିର ସ୍ଥାୟୀ ସୁରକ୍ଷା ବନ୍ଧ ନିର୍ମାଣ ଦ୍ୱାରା ବନ୍ୟା ସମୟରେ ରାଜୁଆ ନଦୀର ବନ୍ଧକୁ ବିପଦ ସୃଷ୍ଟି ହେବ, କାରଣ ୨୦୧୪ରେ ରାଜୁଆ ନଦୀର ସର୍ବାଧିକ ବନ୍ୟାଜଳ ପତନ ୭.୮୦ ମିଟର ରହିଥିଲା । ସୂଚନା ଥାଉକି ରାଜୁଆ ନଦୀରେ ପ୍ରତିବର୍ଷ ରବି ଫସଲ ସମୟରେ ଗ୍ରାମବାସୀମାନେ ନିଜ ଖର୍ଚ୍ଚରେ ବାଲିବସ୍ତା ଦେଇ ଏକ ଅସ୍ଥାୟୀ ବନ୍ଧ ନିର୍ମାଣ କରିଥାନ୍ତି । ଏହାଦ୍ୱାରା ୧୨ଶହ ହେକ୍ଟର ଚାଷ ଜମିକୁ ପାଣିମିଳିଥାଏ । ୨୦୨୨ରେ ଏହି ଅସ୍ଥାୟୀ ନଦୀବନ୍ଧଟି ଭାଙ୍ଗିଯାଇଥିଲା ।

ଦାନ ଜମି ଜବରଦଖଲ ଅଭିଯୋଗ: ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଜୟପୁର, ୧୮/୦୭ (ନି.ପ୍ର): ଦାନ ଜମି ଜବରଦଖଲ ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ପ୍ରସାଦରାଓ ପେଟାର ମୁଗୁଡା ସୁରିୟାନାରାୟଣା ତାଙ୍କର ଜଗନ୍ନାଥପୁର ମୌଜାରେ ଥିବା ୨.୩୦ ଏକର ଜମିକୁ ଗରିବ ଲୋକଙ୍କୁ ବଂଟନ କରିଥିଲେ । କେତେକ ଜମିକୁ ଆସାମାଜିକ ଲୋକ ମାନେ ଜବରଦଖଲ କରି ରଖିଛନ୍ତି । ଯଦ୍ୱାରା କି ଯେଉଁ ଲୋକଙ୍କୁ ଦାନ କରାଯାଇଛି ଉକ୍ତ ଲୋକ ମାନେ ନିଜ ନିଜ କୁଡ଼ିଆ କିମ୍ବା ଗୃହ ଖଣ୍ଡିଏ ନିର୍ମାଣ କରିବାକୁ ଚାହିବା ସମୟରେ ଉକ୍ତ ଅସାମାଜିକ ବ୍ୟକ୍ତି ମାନେ ଧମକ ଚମକ ଦେଉଥିବା ଉଲ୍ଲେଖ କରାଯାଇଛି । ତେଣୁ ପ୍ରଶାସନ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

କଂଟାବାଞ୍ଜି ନାବାଳକ ଲଳିତ ଜୈନ ଆତ୍ମହତ୍ୟା ଘଟଣା ରହସ୍ୟଘେରରେ

ବଲାଙ୍ଗିର, ୧୮/୦୭ (ନି.ପ୍ର): ଜଣେ ନାବାଳକର ଶବ ୧୬ ତାରିଖରେ ମାଟି ତଳୁ ଉଦ୍ଧାର କରାଯାଇଛି । ନାବାଳକ ଜଣକ କଂଟାବାଞ୍ଜି ସହରର ଲଳିତ ଜୈନ (୧୩) ବୋଲି ଜଣାପଡିଛି । ସୂଚନା ଅନୁସାରେ, ଲଳିତ ଗତ ଗୁରୁବାର ୧୩ ତାରିଖ ଦିନ ସକାଳୁ ଘରୁ କୁଆଡେ ଚାଲିଯାଇଥିଲେ । ହେଲେ ପରିବାର ବର୍ଗ ଦିନସାରା ବହୁତ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଶେଷରେ ପରିବାର ବର୍ଗଙ୍କ ପକ୍ଷରୁ ଲଳିତଙ୍କ ବାପା ପ୍ରମୋଦ ଜୈନ ସେହିଦିନ ରାତିରେ କଂଟାବାଞ୍ଜି ଥାନାରେ ଘରୁ ନିଖୋଜ ଥିବା ଏକ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ସେହି ଗୁରୁବାର ଦିନ ସକାଳୁ କଂଟାବାଞ୍ଜିରୁ ମୁରିବାହାଲ ଯାଇଥିବା ରେଳ ଲାଇନ୍ ରେ ଏକ ମୃତଦେହ ପଡିଥିବା କଂଟାବାଞ୍ଜି ଜିଆରପି ପୁଲିସ ଖବର ପାଇ ଶବ ଉଦ୍ଧାର କରିଥିଲା । ଶବଟି ବିକୃତ ହୋଇଯାଇଥିବା ଏବଂ ଚିହ୍ନା ପଡୁ ନଥିଲା । ପୁଣି ଶବକୁ ନେବା ପାଇଁ କେହି ଦାବୀଦାର କଂଟାବାଞ୍ଜି ଡାକ୍ତରଖାନା ପଂହଚି ନଥିଲେ । ଏହା ପରେ ଶବ ରଖିବା ପାଇଁ ଡାକ୍ତରଖାନାରେ ଫ୍ରିଜର ନାହିଁ, ତେଣୁ କରି ଅଚିହ୍ନା ଶବ ଭାବି ଜିଆରପି ପୁଲିସ ଡାକ୍ତରଖାନାରେ ଡାକ୍ତର ଦେବାଶିଷ ତ୍ରିପାଠୀଙ୍କ ଦ୍ୱାରା ପୋଷ୍ଟ ମର୍ଟମ୍ ପରେ ଆମ୍ବୁଲାନ୍ସ ସାହାଯ୍ୟରେ ନେଇ କଂଟାବାଞ୍ଜିର ରେଳ ଲାଇନ୍ କଡରେ ଥିବା ଏକ ମଶାଣୀପଦାର ଅନତି ଦୂରରେ ଗାତ ଖୋଳି ପୋତି ଦେଇଥିଲେ । ପରେ ନିଖୋଜ ହୋଇଥିବା ମାମଲାର ତଦନ୍ତ କରୁଥିବା କଣ୍ଟାବାଞ୍ଜି ଟାଉନ ପୋଲିସର ସନ୍ଦେହ ହେବାରୁ ପରିବାର ବର୍ଗଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ବର୍ଗ ଥାନାରେ ପହଂଚିବା ପରେ କଂଟାବାଞ୍ଜି ଜିଆରପି ଥାନା ଅଧିକାରୀ ମଧ୍ୟ କଣ୍ଟାବାଞ୍ଜି ଟାଉନ ଥାନାରେ ପହଂଚି ଥିଲେ । ପରେ ଜିଆରପି ଥାନା ଅଧିକାରୀଙ୍କ କହିବା ଅନୁଯାୟୀ, ପରିବାର ବର୍ଗ ନାବାଳକ ଲଳିତ ମୃତକ ବେଶଭୂଷାରୁ ତାଙ୍କର ପୁଅ ବୋଲି କହିଥିଲେ । ନାବାଳକକୁ ମାଟି ତଳେ ପୋତି ଦେଇଥିବା ସ୍ଥାନକୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ଅମୃତଲାଲ ବେହେରା, ଥାନା ଅଧିକାରୀ ରଶ୍ମିତା ବେହେରା, ଜିଆରପି ଅଧିକାରୀ ସିତାରାମ ସୁନାରୀ ଓ ପରିବାରବର୍ଗ ଘଟଣାସ୍ଥଳରେ ପହଂଚିଥିଲେ । ଏ ସମସ୍ତଙ୍କ ସମ୍ମୁଖରେ ମାଟିରୁ ଶବ ବାହାର କରି ପରିବାର ବର୍ଗ ଚିହ୍ନଟ କରିବା ପରେ ଶବକୁ ହସ୍ତାନ୍ତର କରାଯାଇଥିଲା । କେତେକ ବିଶ୍ୱସ୍ତ ସୂତ୍ରରୁ ନାବାଳକ ଜଣକ କୌଣସି କଥାକୁ ନେଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିବା ବେଳେ ଆତ୍ମହତ୍ୟା କରିଥିବା ସ୍ଥାନକୁ ଯାଇ ତଦନ୍ତ କରିଥିଲେ । ନାବାଳକ ଲଳିତ ଆତ୍ମହତ୍ୟା କରିବା ସମୟରେ ଜଣେ ବୟସ୍କା ମହିଳା ଏବଂ ଜଣେ ନାବାଳକ ଛେଳି ଚରାଉଥିବା ବେଳେ ଟ୍ରେନ ଆଗକୁ ଡେଇଁ ଲଳିତ ଆତ୍ମହତ୍ୟା କରିବା ଦୃଶ୍ୟ ଅନ୍ୟ ମାନେ ଦେଖିଥିବା ଆଲୋଚନା ହେଉଛି । ତେବେ ଲଳିତ କାହିଁକି ଆତ୍ମହତ୍ୟା କଲେ ସେନେଇ ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଏ ପର୍ଯ୍ୟନ୍ତ ସଷ୍ଟ ହୋଇପାରି ନାହିଁ । ଏହି ମୃତ୍ୟୁକୁ ନେଇ ସହରରେ ବିଭିନ୍ନ ପ୍ରକାର ଆଲୋଚନା ଚାଲିଥିବା ବେଳେ ମୃତ୍ୟୁର କାରଣ ଜଣାପଡି ନାହିଁ । ଖୁବଶୀଘ୍ର ବଲାଙ୍ଗିର ପୋଲିସ ଘଟଣାର ପର୍ଦାଫାସ କରିବ, ସେ ଦିଗରେ ତଦନ୍ତ ଆରମ୍ଭ ହୋଇଛି ।

ସ୍ୱାସ୍ଥ୍ୟ ରାଜଧାନୀରେ ବଢୁଛି ଶିଶୁ ମୃତ୍ୟୁହାର

୩ ବର୍ଷରେ ଗଲାଣି ୯୭୮ ଶିଶୁଙ୍କ ଜୀବନ, ହ୍ରାସ ପାଉଛି ମାତୃ ମୃତ୍ୟୁହାର

କଟକ , ୧୮/୦୭ (ନି.ପ୍ର): ଗଲା ତିନି ବର୍ଷରେ କଟକରେ ୯୭୮ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ସେଥିରୁ ଜନ୍ମରୁ ବର୍ଷକ ଭିତରେ ୯୩୩ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ତଥ୍ୟ କହୁଛି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା ଗତବର୍ଷ ୨୭୫ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୪୩୪ରେ ପହଞ୍ଚିଛି । କଟକ ଭଳି ବିକଶିତ ଓ ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଥିବା ଜିଲ୍ଲାର ଚିତ୍ର ଯଦି ଏଇଆ, ତାହେଲେ ମାଲକାନଗିରି, କୋରାପୁଟ, ଗଜପତି ଭଳି ଉପାନ୍ତ ଜିଲ୍ଲାର ବାସ୍ତବ ସ୍ଥିତି କଣ ଥିବ, ତାହା ହିଁ ଏବେ ଚିନ୍ତାର କାରଣ ହୋଇଛି । ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଅନେକ ସ୍ୱପ୍ନିଳ ଯୋଜନା ହେଉଛି । କଟକରେ ଏସସିବି ମେଡିକାଲରୁ ଆରମ୍ଭ କରି ରାଜ୍ୟର ଏକମାତ୍ର ସରକାରୀ ଶିଶୁ ଚିକିତ୍ସା କେନ୍ଦ୍ର ଶିଶୁ ଭବନ ସମେତ ଅନେକ ବଡ଼ ବଡ଼ ଘରୋଇ ନର୍ସିଂହୋମ, ଉନ୍ନତମାନର ହସ୍ପିଟାଲ ଥାଇ ବି ଏଭଳି ସ୍ଥିତିର ଏବେ କାରଣ ଖୋଜା ଚାଲିଛି । ଅବଶ୍ୟ ଏହି ସମୟରେ ମାତୃ ମୃତ୍ୟୁହାର ହ୍ରାସ ପାଇଛି । ୨୦୨୦ରୁ ଆଜି ସୁଦ୍ଧା ୪୬ଜଣ ମାଙ୍କ ମୃତ୍ୟୁ ଘଟିଛି । ଗର୍ଭାବସ୍ଥାରୁ ପ୍ରସବର ୪୨ ଦିନ ମଧ୍ୟରେ ଗଲା ୩ ବର୍ଷରେ ୪୬ ଜଣ ମହିଳା ପ୍ରାଣ ହରାଇଥିବା ତଥ୍ୟ କହୁଛି । ସରକାର ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ପାଇଁ ସମନ୍ୱିତ ଶିଶୁ ବିକାଶ, ମମତା, ପୁଷ୍ଟିକର ଖାଦ୍ୟ ଯୋଗାଣ ଭଳି ଅନେକ ଯୋଜନା କରିଛନ୍ତି । କିନ୍ତୁ ୨୦୨୦-୨୧ରେ କଟକ ଜିଲ୍ଲାରେ ୨୭୧ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା । ସେଥିରୁ (ଜନ୍ମରୁ ୧ ବର୍ଷ) ଭିତରେ ୨୪୮ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ଜନ୍ମରୁ ୫ବର୍ଷ ଭିତରେ ୨୩ଜଣ ପିଲାଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଛି । ସେହିପରି ୨୦୨୧-୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୨୭୫ରେ ପହଞ୍ଚିଛି । ୦-ରୁ ୧ ବର୍ଷ ଭିତରେ ୨୬୨ ଶିଶୁ ଓ ୦ ରୁ ୫ ବର୍ଷ ଭିତରେ ୧୩ଜଣ ଶିଶୁ ପ୍ରାଣ ହରାଇଛନ୍ତି । ୨୦୨୨ ଓ ୨୦୨୩ର ଏପ୍ରିଲ୍ ସୁଦ୍ଧା ଶିଶୁ ମୃତ୍ୟୁ ସଂଖ୍ୟା ୪୩୪ ପହଞ୍ଚି ସାରିଛି । ସେଥିରୁ ୦ରୁ ୧ବର୍ଷ ଭିତରେ ୩୮୯ ଶିଶୁ ଓ (୦ ରୁ ୫ ବର୍ଷ ଭିତରେ ୪୫ଜଣ ଶିଶୁଙ୍କର ମୃତ୍ୟୁ ହେଲାଣି । ଜିଲ୍ଲାରେ ବଡ଼ମ୍ବା ବ୍ଲକ୍‌ରେ ସର୍ବାଧିକ ୬୦ ଶିଶୁଙ୍କ ମୃତ୍ୟୁ ଘଟିଛି । ତା ପଛକୁ ଟାଙ୍ଗୀରେ ୫୮, ଆଠଗଡ଼ରେ ୩୧, ବାଙ୍କୀରେ ୧୦, ବାରଙ୍ଗରେ ୧୬, କଟକ ସଦରରେ ୩୭, ବାଙ୍କୀ-ଡମପଡାରେ ୨୫, କଣ୍ଟାପଡାରେ ୧୭, ନରସିଂହ ପୁରରେ ୫୦, ମାହାଙ୍ଗାରେ ୩୩, ନିଆଳିରେ ୧୨, ନିଶ୍ଚିନ୍ତ କୋଇଲିରେ ୧୯, ସାଲେ ପୁରରେ ୪୫, ତିଗିରିଆରେ ୨୧ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି । ଅନ୍ୟପଟେ ୨୦୨୦-୨୧ରେ ୨୪ ଜଣ ଗର୍ଭବତୀ ଓ ମାଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୧-୨୨ରେ ଏହି ସଂଖ୍ୟା ୧୭ ଓ ୨୦୨୨-୨୩ ଏପ୍ରିଲ ସୁଦ୍ଧା ଏହି ସଂଖ୍ୟା ୧୫ ରହିଛି । ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । କିନ୍ତୁ ମାତୃ ମୃତ୍ୟୁହାର ଧୀରେ ଧ

ଆହାର

ସ୍ୱାସ୍ଥ୍ୟରକ୍ଷାର ପ୍ରଥମ ଆୟୁଧ ହେଉଛି ଆହାର । ଆହାର କାରଣରୁ ଶରୀରର ଆକାର ବୃଦ୍ଧି ପାଇଥାଏ । ଏଥିରୁ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ ହୋଇଥାଏ । ସର୍ବଦା ସୁଷମ ଖାଦ୍ୟ ଉପରେ ନିର୍ଭର କରିବା ଆବଶ୍ୟକ । ତେଣୁ ଖାଦ୍ୟ ଗ୍ରହଣ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।

ଖାଦ୍ୟ ଖାଇବା ପୂର୍ବରୁ ହାତକୁ ସାବୁନରେ ଧୋଇ ଅଳ୍ପ ବିଶୁଦ୍ଧ ଜଳ ଖାଦ୍ୟ ଗ୍ରହଣ ସୁଗମ ପାଇଁ ଆଚମନ କରିବା ଉଚିତ ।

ନିୟମ ଅନୁସାରେ, ସୁଷମ ଖାଦ୍ୟ ନିୟମିତ ଗ୍ରହଣ କରିବା ଉଚିତ । କ୍ଷୁଧା ଅନୁରୂପ ପେଟଭରା ନଖାଇ କମଖାଦ୍ୟ ଗ୍ରହଣକରିବା ଶରୀର ପାଇଁ ଭଲ ।

ନିୟମିତ ତନ୍ତୁଯୁକ୍ତ ଖାଦ୍ୟ ଯଥା: ଶାଗ, ଫଳ, ସାଲାଡ, ଡାଲି, ପନିପରିବା ଜାତୀୟ ଶାକାହାରୀ ଖାଦ୍ୟଗ୍ରହର କରିବା ଉଚିତ୍ । ଶାଗ ଜାତୀୟ ଖାଦ୍ୟ ମୁହଁର ଲୋଚାପଣ ଦୂର କରିବା ସହ ଦୃଷ୍ଟିଶକ୍ତି ବଢ଼ାଏ ।

ଚା ଓ କଫି ନ ପିଇବା ଭଲ । ଦୀର୍ଘଦିନ ଏହାକୁ ପିଇଲେ ଯକୃତରେ ହାନି ପହଞ୍ଚାଏ । ଏଥିଯୋଗୁଁ ସ୍ନାୟବିକ ଦୁର୍ବଳତା ସୃଷ୍ଟି ହୋଇଥାଏ ।

ଚିନି ଓ ଲୁଣ ଯେତେଦୂର ସମ୍ଭବ କମ୍ ଗ୍ରହଣ କରିବା ଉଚିତ୍ ।

ଧୂଆଁ ପତ୍ର ସେବନ, ଧୂମପାନ, ମଦ୍ୟପାନ ବା ଯେକୌଣସି ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ପରିହାର ବିଧେୟ ।

ବ୍ୟକ୍ତିଗତ ଅବସ୍ଥାକୁ ବିଚାର କରି ମାସରେ ଥରେ ସଜଳ/ନିର୍ଜଳ/ସଫଳ ଉପବାସ କରିବା ଉଚିତ୍ ।

ପ୍ରତ୍ୟହ ଗଜାମୁଗ, ଗଜାବିରି, ଗଜାମେଥି, ଗଜା ସୋୟାବିନ ଓ ଗଜା ଗହମ ଗ୍ରହଣ କରିବା ଭଲ । ଫାଷ୍ଟଫୁଡ୍, ଜଙ୍କଫୁଡ୍, ବାସିଖାଦ୍ୟ ନ ଖାଇବା ଭଲ ।

ପ୍ରତ୍ୟେକ ଦିନ ଖାଦ୍ୟରେ କଦଳୀ, କମଳା, ଲେମ୍ବୁ, ସେଓ, ଡାଳିମ୍ବ, ଅଁଳା ଆଦି ଋତୁକାଳୀନ ଫଳ ସେବନ କରିବା ଉଚିତ ।

ଖାଦ୍ୟରେ ସଂଶ୍ଳେଷିତ ରଙ୍ଗ ଓ ସୁବାସିତ ଦ୍ରବ୍ୟ ବ୍ୟବହାର ନକରି ସାଧାରଣ ହଳଦୀ, ତେଜପତ୍ର, ଧନିଆଁ ପତ୍ର, ପୋଦିନା ପତ୍ର ଆଦି ପରି ପ୍ରାକୃତିକ ଦ୍ରବ୍ୟର ସୁବାସକୁ ଉପଯୋଗ କରିବା ଉଚିତ ।

ତେଲଜାତୀୟ ଖାଦ୍ୟର ପରିମାଣ ଯେତେ କମ୍ ହେବ ଭଲ । ମଝିରେ ମଝିରେ ରାନ୍ଧିବା ତେଲ ଗ୍ରହଣରେ ପରିବର୍ତ୍ତନ କଲେ ଶରୀର ଆବଶ୍ୟକୀୟ ପୋଷକତତ୍ତ୍ୱ ପାଇପାରିଥାଏ ।

କ୍ଷୁଧା ନଥିବା ସମୟରେ ଖାଦ୍ୟ ଗ୍ରହଣ କରିବାକୁ ଆୟୁର୍ବେଦରେ କ୍ରମବିରୁଦ୍ଧ ଆହାର କହନ୍ତି । ଏହିପରି ଅନେକ ବିରୁଦ୍ଧ ଆହାର ବିଷୟରେ ଦୃଷ୍ଟାନ୍ତ ରହିଛି । ଯଥା- ମହୁକୁ ଉଷ୍ମ କରି ସେବନ, କଂସାପାତ୍ରରେ ଅନେକ ଦିନ ଧରିଥିବା ଘିଅ ପଦାର୍ଥ, ମାଛ ଓ କ୍ଷୀର ଏକତ୍ର ସେବନ, ଶୀତଋତୁରେ ଥଣ୍ଡା ପଦାର୍ଥ ଓ ଗ୍ରୀଷ୍ମ ଋତୁରେ ଉଷ୍ଣ, ଖଟା, ରାଗ ପଦାର୍ଥ ସେବନ ଇତ୍ୟାଦି ।

ସ୍ଥାନାନ୍ତର ହେଲା ଅଟ୍ଟାଳିକା

ଅତ୍ୟାଧୁନିକ ଜ୍ଞାନକୌଶଳର ସୁବିନିଯୋଗ ବର୍ତ୍ତମାନ ପ୍ରତ୍ୟେକ ପ୍ରାନ୍ତରେ ହେଉଛି । କେବଳ ଯେ ଏହାର ଉପଯୋଗ ନୂତନ ଜିନିଷ କିମ୍ବା ତତ୍ତ୍ୱରେ ହେଉଛି, ତା ନୁହେଁ, ବରଂ ୧୦୦ ବର୍ଷ ପୁରାତନ ଜିନିଷ ମଧ୍ୟ ଜ୍ଞାନକୌଶଳ ଉପଯୋଗରେ ସ୍ଥାନାନ୍ତର ହୋଇପାରୁଛି । ନିକଟରେ ଚୀନର ସାଂଘାଇ ସ୍ଥିତ ଏକ ଐତିହାସିକ ଅଟ୍ଟାଳିକା ବିନା ଭଙ୍ଗାରୁଜାରେ ଯଥା ସ୍ଥାନରୁ ୫୪ମିଟର ସ୍ଥାନାନ୍ତର ହୋଇପାରିଛି । ମିଳିଥିବା ତଥ୍ୟ ଅନୁସାରେ, ଏହି ଅଟ୍ଟାଳିକା ପ୍ରାୟ ୧୦୦ ବର୍ଷରୁ ଅଧିକ ପୁରୁଣା । ଜଣେ ଶିଳ୍ପପତି ୨ ମାସ ତଳେ ଏହାକୁ କିଣିବା ପରେ ଏକ କଫି ମଲ୍ ଏଠାରେ ନିର୍ମାଣ କରିବାର ଯୋଜନା କଲେ । ଅଭିଜ୍ଞ ଇଂଜିନିୟରଙ୍କ ପରାମର୍ଶରେ ତତ୍‌କ୍ଷଣାତ କାମ ଆରମ୍ଭ ହେଲା । ପାର୍କିଂ ସୁବିଧା ନିମନ୍ତେ ଅଟ୍ଟାଳିକା ଚତୁଃପାର୍ଶ୍ୱରେ ସେଭଳି ପର୍ଯ୍ୟପ୍ତ ଜାଗା ନଥିଲା । ଜଣେ ବରିଷ୍ଠ ଇଂଜିନିୟର ଅଟ୍ଟାଳିକା ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଲେ । ତେବେ ଶିଳ୍ପପତିଙ୍କ ସର୍ତ୍ତ ଥିଲା, ଅଟ୍ଟାଳିକା ଯେପରି କ୍ଷତିଗ୍ରସ୍ତ ନ ହୁଏ । ୧୫ ଦିନପୂର୍ବରୁ ଏହାର ପ୍ରସ୍ତୁତି ହେଲା । ଯଥା ସମୟରେ ମାତ୍ର ୨୧ମିନିଟରେ ଅଟ୍ଟାଳିକାକୁ ୫୪ମିଟର ସ୍ଥାନାନ୍ତର କରାଯିବା ସହ ୯୦ଡିଗ୍ରୀ ପରିବର୍ତ୍ତନ କରାଗଲା । ଏଥିପାଇଁ ମୋଟ୍ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାର ପ୍ରକାଶ । ବରିଷ୍ଠ ଇଂଜିନିୟରଙ୍କ ମତରେ, ଏହା ସେଭଳି ଜଟିଳ କାମ ନୁହେଁ । ସତର୍କତାରେ ସହ ଅବଶ୍ୟ ଏସବୁ ଧ୍ୟାନ ଦେଇ କରିବାକୁ ପଡ଼େ । ବିଶ୍ୱର ଯେ କୌଣସି ପ୍ରାନ୍ତର ଘରକୁ ସ୍ଥାନାନ୍ତର କରାଯାଇପାରିବ । ହେଲେ ମରୁ ଅଞ୍ଚଳ ଘରର ସ୍ଥାନ ପରିବର୍ତ୍ତନ କରିବା ସମାନ୍ୟତମ ଜଟିଳ । ଏହା ବିଶ୍ୱର ପ୍ରଥମ ଘର ସ୍ଥାନାନ୍ତର ଘଟଣା ନୁହେଁ, ଏହା ପୂର୍ବରୁ ୨୦୧୬ରେ ନେଦରଲ୍ୟାଣ୍ଡର ଏକ କଲୋନୀର ସମସ୍ତ ଘରକୁ ଅନ୍ୟ ଏକ ପ୍ରାନ୍ତକୁ ସ୍ଥାନାନ୍ତର କରାଯାଇଥିଲା ।

ପନିର ଟୋମାଟୋ ଚମନ୍

ସମଗ୍ରୀ : ପନିର୍-୨୦୦ଗ୍ରାମ, ଗୁଜୁରାତି-୩, ତେଜପତ୍ର-୨, ହିଙ୍ଗୁ-୧/୨ଚାମଚ, ଲଙ୍କାଗୁଣ୍ଡ-୧/୨ଚାମଚ, ଟମାଟୋ ପ୍ୟୁରି-୧କପ୍, ଅଦାପେଷ୍ଟ-୨ଚାମଚ, ଜିରା ଗୁଣ୍ଡ-୧/୨ଚାମଚ, ଗରମ ମସଲା-

୧/୨ ଚାମଚ, କଟା ଧନିଆ ପତ୍ର, ଲୁଣ ଓ ତେଲ ଆବଶ୍ୟକତା ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ :- ପ୍ରଥମେ କଡ଼େଇତେଲ ଗରମ କରନ୍ତୁ । ସେଥିରେ କଟା ପନିରକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ଆଉ ଏକ ପ୍ୟାନରେ କିଛି ତେଲ ଗରମ କରନ୍ତୁ । ସେଥିରେ ଗୁଜରାତି, ତେଜପତ୍ର, ହିଙ୍ଗୁ, ଲଙ୍କାଗୁଣ୍ଡ, ଟମାଟୋ ପ୍ୟୁରି ଏବଂ ଲୁଣ ପକାଇ କିଛି ସମୟ କଷନ୍ତୁ । ପରେ ସେଥିରେ ଅଦା ପେଷ୍ଟ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ ଏବଂ ଅଳ୍ପ ପାଣି ଦେଇ ଧୀମା ଆଞ୍ଚରେ ୫ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଏବେ ଗ୍ରେଭିରେ ଫ୍ରାଏ ପନିରକୁ ଭଲଭାବେ ମିଶାଇ ସେଥିରେ ଧନିଆ ପତ୍ର ପକାନ୍ତୁ । ଗରମ ଗରମ ଟମାଟୋ ଚମନ୍ ।

ବିମାନ ଯାତ୍ରା ସମୟରେ ହୁଅନ୍ତୁ ସଚେତନ

ଗତ କିଛି ବର୍ଷ ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିମାନ ଟିକେଟ୍ ଭଡ଼ା ଯଥେଷ୍ଟ ହ୍ରାସ ପାଇବାରୁ ବିଭିନ୍ନ ବର୍ଗର ଲୋକେ ନିଜ ସକ୍ଷମତା ଅନୁସାରେ ଯାତ୍ରା କରିପାରୁଛନ୍ତି । ତେବେ ବିମାନ ଯାତ୍ରା ସମୟରେ କୋତୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସମସ୍ତ ପ୍ରକାର ଖାଦ୍ୟପାନୀୟ ଆକାଶମାର୍ଗରେ ଯାତ୍ରା ସମୟରେ ଖାଇବା ସ୍ୱାସ୍ଥ୍ୟ ନିମନ୍ତେ ହିତକର ନୁହେଁ ।

ଛଣାଛଣି ଖାଦ୍ୟ ବିମାନ ଯାତ୍ରା ସମୟରେ କିମ୍ବା ୩୦-୪୦ ମିନିଟ୍ ପୂର୍ବରୁ ସେବନ କରନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ । ବିଶେଷଜ୍ଞଙ୍କ ମତରେ ଛଣାଛଣି ଖାଦ୍ୟରେ ସୋଡିୟମ ପରିମାଣ ଅଧିକ ଥିବାରୁ ତାହା ଶରୀର ପାଇଁ କ୍ଷତିକାରକ ।

ମୃଦୁପାନୀୟ ମଧ୍ୟ ବିମାନ ଯାତ୍ରା ପୂର୍ବରୁ ନ ପିଇବା ଉଚିତ । ଏହି କାରଣରୁ ବଦହଜମ ହୋଇପାରେ ।

ବ୍ରୋକୋଲି, ଫୁଲକୋବି, ବନ୍ଧାକୋବି ଆଦି ପରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ, କିନ୍ତୁ ବିମାନ ଯାତ୍ରା ପୂର୍ବରୁ ଏସବୁ ଖାଆନ୍ତୁ ନାହିଁ । କାରଣ ଏହି ପରିବା ସହଜରେ ହଜମ ହୋଇନଥାଏ ।

ନିମ୍ବର ଆବଶ୍ୟକତା

ନିମ୍ବରେ ଜୀବାଣୁ ପ୍ରତିରୋଧକ ଶକ୍ତି ରହିଥିବାରୁ ଏହାର ଆବଶ୍ୟକତା ଅନୁଭୂତ ହୋଇଥାଏ । ନିୟମିତ ନିମ୍ବ ସେବନ କରୁଥିବା ବ୍ୟକ୍ତି କୌଣସି ରୋଗରେ ଆକ୍ରାନ୍ତ ହୋଇନଥାନ୍ତି ବୋଲି ପ୍ରବାଦ ରହିଛି । ଏହାର ଅନେକ ଔଷଧୀୟ ଗୁଣ ରହିଛି ।

କଥାରେ ଅଛି, ଚିନ୍ତା ଖାଏ ଗଣ୍ଡି ଲୁଣ ଖାଏ ହାଣ୍ଡି । ଚିନ୍ତା ବଢ଼ିଲେ ମନ ଅସ୍ଥିର ହୋଇ ଧୀରେ ଧୀରେ ଭାରସାମ୍ୟ ହରାଇବାକୁ ପଡ଼ିଥାଏ । ପରିଣାମ ସ୍ୱରୂପ, ରକ୍ତଚାପ ବଢ଼ିବା ସହ ଶରୀର ପାଇଁ ବିପଦ ସୃଷ୍ଟି କରିଥାଏ । ପୁଣି ମେଦବୃଦ୍ଧି ଶରୀରର ରକ୍ତ ସଞ୍ଚାଳନ ବ୍ୟବସ୍ଥା ଉପରେ କୁପ୍ରଭାବ ପକାଇବା ସହ ରକ୍ତଚାପ ବୃଦ୍ଧି କରାଇଥାଏ । ଏଭଳି ଅବସ୍ଥାରେ ନିମ୍ବର ପିତାରେ ଉଚ୍ଚ ରାକ୍ତଚାପ କୁ ସ୍ନାୟବିକ କରିବାର କ୍ଷମତା ରହିଛି । ପୁରୁଣାକାଳିଆ ଲୋକେ କହନ୍ତି - 'ଖାଇବ ପିତା, ଗାଇବ ଗୀତା-

ତେବେ ଯାଇହେବ ଜଗତଜିତା । କଞ୍ଚା ନିମ୍ବପତ୍ର ପରିଷ୍କାର ଭାବେ ଧୋଇ, ହଳଦୀ ସହ ବାଟି ପ୍ରତିଦିନ ସକାଳୁ ଖାଲି ପେଟରେ ଚାମୁଟିଏ ଲେଖାଏଁ ଖାଇଲେ ଉପକାର ମିଳିଥାଏ । ଏହା କୃମିନାଶକ, ରକ୍ତ ବିଶୋଧକ, ଚର୍ମରୋଗ ନାଶକ ଏବଂ ଜୀବାଣୁ-ଭୂତାଣୁ ବିରୋଧୀ । ଚୈତ୍ର ମାସରେ ନିମ୍ବ ଗଛରେ ଫୁଲ ଧରେ । ଏହାକୁ ଖାଇବା ଶରୀର ପାଇଁ ଅନେକାଂଶରେ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ପୁଷେ ଖାଇ, ମାଘେ ଦହି, ଚଇତେ ଚକୁଳି ନିମ ଖାଇ । ବର୍ଷ ତମାମ ଶୁଖିଲା ନିମ୍ବପତ୍ର ହଳଦି ଗଚଣ୍ଡ ସହ ମିଶାଇ ଖିଆଯାଇପାରେ । ନିମ୍ବପତ୍ରର ଔଷଧୀୟ ଗୁଣ ଆୟୁର୍ବେଦ ଏବଂ ପ୍ରଚୀନ ଶାସ୍ତ୍ର ସମ୍ମତ । ଏହାର ଅନେକ ଔଷଧୀୟ ଗୁଣ ରହିଥିବାରୁ ଏହା ସ୍ୱାସ୍ଥ୍ୟପାଇଁ ସଂପୂର୍ଣ୍ଣ ନିରାପଦ କହିଲେ ଚଳେ ।

ପୁରୁଣା ଟେଲିଭିଜନରେ ପାଚେରୀ !



ଭିଏତ୍‌ନାମର ହନ୍ ଥମ୍ ଦ୍ୱୀପ ଏକ ଜଣାଶୁଣା ପରିବେଶ ପର୍ଯ୍ୟଟନ କେନ୍ଦ୍ର । ଦ୍ୱୀପ ଭ୍ରମଣରେ ଆସୁଥିବା ଶତାଧିକ ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ପାଲଟିଛି ଏଠାରେ ଥିବା ଏକ ଘରର ପାଚେରି । ପାଚେରିର ବିଶେଷତ୍ୱ ହେଉଛି, ତାହା । ସଂପୂର୍ଣ୍ଣ ଭାବେ ଏକାଧିକ ପୁରୁଣା ଟେଲିଭିଜନରେ ତିଆରି । ଟେଲିଭିଜନ ନିର୍ମିତ ପାଚେରୀର ଫଟୋଚିତ୍ର କେହି ଜଣେ ଫେସବୁକ୍‌ରେ ଛାଡ଼ିଦେବା ପରେ, ତାହାକୁ ଦେଖିବା ଲାଗି ପର୍ଯ୍ୟଟକଙ୍କ ଭିଡ଼ କମୁଛି । ପାଚେରି ସହିତ ସେଲଫି, ପର୍ଯ୍ୟଟକଙ୍କୁ ନିଆରା ଅନୁଭବ ଦେଉଛି । ତେବେ, ପାଚେରି ନିର୍ମାଣରେ ପୁରୁଣା ଟେଲିଭିଜନର ବ୍ୟବହାର ପଛର କାରଣ ଅଜଣା । ପାଚେରି ବେଶ ଟାଣ, ଭାଙ୍ଗିବା ମଧ୍ୟ କଷ୍ଟକର । ତେଣୁ, ଝଡ଼-ପବନ କିମ୍ବା ତସ୍କରଙ୍କ ଦାଉରୁ ସୁରକ୍ଷିତ ରହିବା ଲାଗି ଗୃହକ୍ର୍ତ୍ତା ଏ ପରି ପାଚେରି ଗଢ଼ାଇଥିବା ଅନୁମାନ କରାଯାଏ ।

ଷଣ୍ଢ ଲଢ଼େଇ: ଜଣା-ଅଜଣା

ଷଣ୍ଢ-ମଣିଷ ଲଢ଼େଇ ସ୍ପେନ୍‌ର ଜାତୀୟ ଖେଳ ଏବଂ ସେଠାରେ ବେଶ୍ ଲୋକପ୍ରିୟ । ବର୍ତ୍ତୁଗାଲ ଓ ମେକସିକରେ ମଧ୍ୟ ଷଣ୍ଢ ଓ ମଣିଷ ଭିତରେ ଲଢ଼େଇ ହୁଏ । ସ୍ପେନରେ ମଣିଷ ହତିଆର ଧରି ଷଣ୍ଢର ମୁକାବିଲା କରେ ଏବଂ ବିଜୟୀ ହେବା ପାଇଁ ଷଣ୍ଢକୁ ମାରେ ବା ତା ଦ୍ୱାରା ଗୁରୁତର ଆହତ ହୋଇ ପରାଜୟ ବରଣ କରେ । ପର୍ତ୍ତୁଗାଲରେ ଷଣ୍ଢ ମାରଣ ନିଷେଧ । ସେଠାରେ ଷଣ୍ଢ ସହ ବିନା ହତିଆରରେ ଲଢ଼ାଯାଏ । ତେଣୁ, ପର୍ତ୍ତୁଗିଜ୍ ଷଣ୍ଢ ଲଢ଼େଇ ଅଧିକ ମାନବିକ ଓ ରୋମାଞ୍ଚକର । ଷଣ୍ଢ ସହ ଲଢୁଥିବା ମଣିଷଙ୍କୁ ସ୍ପାନିସରେ 'ମୋଟାଡେରା' ଏବଂ ପର୍ତ୍ତୁଗିଜରେ 'ଫୋର୍କାଡୋ' କୁହାଯାଏ । 'ଫୋକୋଡାଡୋ' ଏକ ଅର୍ଦ୍ଧ ଚନ୍ଦ୍ରାକାର ଅସ୍ତ୍ର । ଏକଦା ଲଢ଼େଇପ୍ରଦର୍ଶିତ ହୁଥିବା ମଇଦାନରେ ରାଜରକ୍ଷୀମାନେ ଏହି ଅସ୍ତ୍ର ସାହାଯ୍ୟରେ ଷଣ୍ଢଙ୍କୁ ଅଟକାଉଥିଲେ । ପର୍ତ୍ତୁଗିଜ ଲଢ଼େଇରେ ଷଣ୍ଢକୁ ଖାଲି ହାତରେ ଅଟକା ଯାଉଥିବାରୁ ଯୋଦ୍ଧାଙ୍କୁ ଫୋର୍କାଡୋ' କୁହାଯାଉଛି । ଆଜିକାଲି ପର୍ତ୍ତୁଗିଜ୍ ମହିଳାମାନେ ମଧ୍ୟ ଦଳଗତ ଭାବେ ଖାଲି ହାତରେ ଷଣ୍ଢ ସହ ଲଢୁଛନ୍ତି । ଦଳ ଆଠ ଜଣିଆ । ଷଣ୍ଢର ଶିଙ୍ଗ ମୁନିଆ ଥିଲେ, ଲଢ଼େଇ ପୂର୍ବରୁ ଘୋରି ଦିଆଯାଏ । ପର୍ତ୍ତୁଗାଲର ସୁଜାନ୍ ଫ୍ରିଜା ଷଣ୍ଢ ଲଢ଼େଇ ପାଇଁ କେବଳ ଯୁବତୀଙ୍କୁ ନେଇ ଗୋଟିଏ ଦଳ ଗଢ଼ିଛନ୍ତି । ତାଙ୍କ ଦଳ ଅପେକ୍ଷାକୃତ କମ୍ ଓଜନର ଷଣ୍ଢ ସହ ଲଢୁଥିବା ପ୍ରକାଶ ।

ଗ୍ରାମୀଣ ଜାତୀୟ ଓଲମ୍ପିକରେ ଝିଅଙ୍କ ଡଙ୍କା

ରାଜସ୍ଥାନ ଅନ୍ତର୍ଗତ ଜୟପୁର ମହାନଗରୀ ଉପକଣ୍ଠସ୍ଥ ଏକ ଗ୍ରାମୀଣ ଅଂଚଳ କୋଟପୁତଲୀ । ଏଠାକାର ବାସିନ୍ଦା ଡ. ଆରପି ଯାଦବ, କରିବ ପରିବାରର ପଢୁଆ ଝିଅଙ୍କ ସେବାରେ ଉତ୍ସର୍ଗୀକୃତ । କିଛି ଦିନ ତଳେ ରାସ୍ତାରେ ବର୍ଷାରେ ଭିଜିଭିଜି, କଲେଜ ଯାଉଥିବା ଚାରି ଜଣ ଛାତ୍ରୀଙ୍କ ସୁବିଧା ପାଇଁ ମାଗଣା ବସ୍ ସେବା ଆରମ୍ଭ କରିବାକୁ ନିଷ୍ପତି ନେଇଥିଲେ । ନିଜର ଭବିଷ୍ୟ ନିଧି ପାଣ୍ଠିରେ ଥିବା ସମସ୍ତ ଉଣେଇଶ ଲକ୍ଷ ଟଙ୍କା ଉଠାଇ, ବାଉନ୍ ଆସନ ଥିବା ବସଟିଏ କିଣିଥିଲେ । ସଂପ୍ରତି ଚୂରୀ, ପାଓ୍ୱଲା, ରାମନଗର, କାୟମପୁରାବାସ ଓ ଭୋପାଲପୁରାର ଚଉବନ ଜଣ କଲେଜ ଛାତ୍ରୀ, ତାଙ୍କ ବସରେ ଯିବା-ଆସିବା କରୁଛନ୍ତି । ଡ. ଯାଦବଙ୍କ ସେବା ମନୋବୃତିକୁ ଦେଖି, ରାଜସ୍ଥାନ ସରକାରଙ୍କ ସଡ଼କ ପରିବହନ ବିଭାଗ, ତାଙ୍କ ପାଇଁ ସଡ଼କ ଟିକସ ଛାଡ଼ କରିଛି । ଡ. ଯାଦବ କୋଡ଼ିଏ ବର୍ଷ ତଳେ ନିଜର ଏକ ମାତ୍ର କନ୍ୟାକୁ ଏକ ଦୁର୍ଘଟଣାରେ ହରାଇଥିଲେ । ସେ କହନ୍ତି, ଝିଅର ପଢ଼ା ଓ ବିବାହ ଆଦି ବାବଦକୁ ଯାହା ଖର୍ଚ୍ଚ ହୋଇଥାଆନ୍ତା, ତାହା ଅନ୍ୟ ଝିଅଙ୍କ କାମରେ ଲାଗୁଛି । ସେ ଶିଶୁରୋଗ ବିଶେଷଜ୍ଞ । ଶିଶୁଙ୍କ ଚିକିତ୍ସା ମାଗଣା କରୁଛନ୍ତି । ସମସ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି, ପତ୍ନୀ ତାରାବତୀ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମହାଶକ୍ତି ମିତ୍ରତା

ସରିଯାଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଫ୍ରାନ୍ସ ଗସ୍ତ- ଦୁଇ ପକ୍ଷଙ୍କ ମଧ୍ୟରେ ସମ୍ପର୍କକୁ ଆଉ ଦୀର୍ଘ ପଚିଶ ବର୍ଷ ପର୍ଯ୍ୟନ୍ତ କୌଶଳପୂର୍ଣ୍ଣ ଭାଗିଦାରୀ ଜରିଆରେ ଆଗେଇ ନେବା ପାଇଁ ଏକ ଉଚ୍ଚାକାଂକ୍ଷୀ ନକ୍ସା ଜାରି କରାଯିବା ସହିତ ଓ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ କାଳରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ସହିତ ଗତ ସପ୍ତାହରେ ସେ ଜି-୨୦ ବୈଠକରେ ଯୋଗ ଦେବାକୁ ଆସିବାର ମାତ୍ର ଅଳ୍ପ କେତେ ମାସ ପୂର୍ବରୁ ବେଶ୍ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ପ୍ରତିରକ୍ଷା ସାମଗ୍ରୀ କାରବାର ସମ୍ପର୍କିତ କେତେକ ରାଜିନାମା ସମ୍ପନ୍ନ ହେବା ଭାରତ ପାଇଁ ଅନେକ ଦୃଷ୍ଟିରୁ ମହତ୍ତ୍ୱ ରଖେ। ତେବେ ଶ୍ରୀଯୁକ୍ତ ମୋଦୀଙ୍କର ଏହି ଫ୍ରାନ୍ସ ଗସ୍ତକୁ ଏହାର ଅଳ୍ପ ଦିନ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ ସହିତ ମଧ୍ୟ ତୁଳନା କରାଯାଇପାରେ- ଏଇ ଦୃଷ୍ଟିରୁ ଯେ ଆମେରିକା ଗସ୍ତ କାଳରେ ମଧ୍ୟ ଶ୍ରୀଯୁକ୍ତ ମୋଦୀ ଏହି ରାଷ୍ଟ୍ର ସହିତ ପ୍ରତିରକ୍ଷା ଏବଂ ସୁରକ୍ଷା ବ୍ୟବସ୍ଥା, ମହାକାଶ ଭଳି କେତେକ ହାଇ- ଟେକ୍ କ୍ଷେତ୍ରରେ ସହଯୋଗ ଏବଂ ବ୍ୟାପକ କୌଶଳପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ ଆଲୋଚନା ଓ ରାଜିନାମାରେ ସ୍ୱାକ୍ଷର କରିଥିଲେ। ତେବେ ଉପରୋକ୍ତ ଦୁଇ ରାଷ୍ଟ୍ରଙ୍କ ସହିତ ରାଜିନାମା ସ୍ୱାକ୍ଷର କରିବା ଭିତରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟଟି ହେଉଛି, ପ୍ରତିରକ୍ଷା ହାର୍ଡୱେର, ବିଶେଷକରି କମ୍ବାଟ୍ ସେଗୁଡ଼ିକର ଯୋଗାଣ କ୍ଷେତ୍ରରେ ୧୯୫୦ଠାରୁ ଭାରତ ପାଇଁ ଫ୍ରାନ୍ସ ଏକ ପ୍ରମୁଖ ଯୋଗାଣକାରୀ ରହି ଆସିଥିବା ବେଳେ ଉନ୍ନତ ସାମରିକ ମଞ୍ଚ ପାଇଁ ଆମେରିକା ଆଡ଼କୁ ଭାରତ ମୁହାଁଇବା ଆପାତତଃ ଏକ ନୂଆ ପ୍ରକ୍ରିୟା । ସୁରକ୍ଷା ସ୍ତମ୍ଭଟି ଲଢୁଆ ଜେଟ୍ ଏବଂ ଚୁଡ଼ାଜାହାଜ ପାଇଁ ଭବିଷ୍ୟତର ପ୍ରକଳ୍ପଗୁଡ଼ିକ ସମେତ- ଯେଉଁଥରେ ୨୬ଟି ରାଫାଲେ ଏମ୍ ବିମାନ ଏବଂ ତିନିଗୋଟି ସ୍କୋର୍ପିନ୍ ନୌଭେଳା ଆହରଣ କରିବା ନିମନ୍ତେ ଭାରତର ଯୋଜନା ରହିଛି, ତାହା ମଧ୍ୟ ଅନ୍ତର୍ଭୁକ୍ତ- ସାର୍ବଭୌମ ପ୍ରତିରକ୍ଷା ସାମର୍ଥ୍ୟଗୁଡ଼ିକ ମିଳିତ ଭାବରେ ନିର୍ମାଣ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସଙ୍ଗେ ସଙ୍ଗେ ଉଭୟଙ୍କ ସହଯୋଗିତାରେ ନୂଆ ହେଲିକପ୍ଟର ଏବଂ ଜେଟ୍ ଇଞ୍ଜିନ୍ ବିକଶିତ କରିବାର ଯୋଜନା ମଧ୍ୟ ରହିଛି । ଏକ ବିସ୍ତୃତ ଛବି ଭାବରେ ଦେଖିବାକୁ ଗଲେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ କୌଶଳପୂର୍ଣ୍ଣ ସମ୍ପର୍କ ପରସ୍ପରର କୌଶଳପୂର୍ଣ୍ଣ ସ୍ୱାୟତ୍ତତା ପ୍ରତି ସମ୍ମାନ ପ୍ରଦର୍ଶନ ଉପରେ ପର୍ଯ୍ୟବସିତ। ଫ୍ରାନ୍ସ ଏହାର ବିଦେଶ ନୀତିର ରୁଚି ଅନୁସାରେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରଗୁଡ଼ିକ ଉପରେ କୌଣସି ମନ୍ତବ୍ୟ ଦେବାରେ ନକାରାତ୍ମକତାକୁ ସ୍ଥିର ଭାବରେ ଆପଣାଇ ଆସିଛି । ୟୁକ୍ରେନ୍ ବିରୁଦ୍ଧରେ ରୁଷିଆର ଯୁଦ୍ଧ ପ୍ରସଙ୍ଗରେ ଫ୍ରାନ୍ସ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ପଶ୍ଚାତ୍ ଗତି ଆପଣାଇବା ନିମନ୍ତେ ବୁଝାଇବାରେ ନେତୃତ୍ୱ ନେଇଥିବା ବେଳେ ଏହି ଯୁଦ୍ଧକୁ ନେଇ ଭାରତ ଯେଉଁ ଆଭିମୁଖ୍ୟ ଆପଣାଇ ଆସିଛି, ସେଥିପ୍ରତି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଦୃଷ୍ଟିଭଙ୍ଗୀ ସହିତ ଫ୍ରାନ୍ସ ଏକମତ ହୋଇନାହିଁ । ୧୯୭୪ ଏବଂ ୧୯୯୮ରେ ମଧ୍ୟ ଭାରତର ପରମାଣୁ ପରୀକ୍ଷଣକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଯେତେବେଳେ ଭାରତକୁ ଅନୁଦାନ ପ୍ରଦାନ ବାବଦରେ ପ୍ରତିକୂଳ ପକ୍ଷ ନେଲେ, ଫ୍ରାନ୍ସ ସେମାନଙ୍କ ସହିତ ଯୋଗ ଦେଇ ନଥିଲା; ବରଂ ଏହା ତାରାପୁର ରିଆକ୍ଟର ପାଇଁ ଭାରତକୁ ୟୁରାନିୟମ୍ ଯୋଗାଇ ଦେଇଥିଲା । ଭବିଷ୍ୟତରେ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସଂଯୋଜିତ କାର୍ଯ୍ୟକ୍ରମ ପାଇଁ ଏହା ଏକ ବଳିଷ୍ଠ ନମୁନା ଭାବରେ କାମ କରିବ। ଉଭୟ ଆତଙ୍କବାଦ-ବିରୋଧୀ ଏବଂ ବେସାମରିକ ଆଣବିକ ଜ୍ଞାନକୌଶଳ କ୍ଷେତ୍ରରେ ଫ୍ରାନ୍ସ ଭାରତର ଅନ୍ୟତମ ଘନିଷ୍ଠ ଭାଗିଦାର ରହି ଆସିଛି ଏବଂ ବର୍ତ୍ତମାନର ନକ୍ସା କ୍ଷୁଦ୍ର ଏବଂ ମୋଡ୍ୟୁଲାର ରିଆକ୍ଟରଗୁଡ଼ିକର ବିକାଶ ସମେତ ଉପରୋକ୍ତ ଦୁଇଟିଯାକ କ୍ଷେତ୍ରରେ ଅଧିକ ସହଯୋଗ ରକ୍ଷା କରିବାକୁ ସନ୍ନିବେଶିତ କରିଛି । ଏହି ନକ୍ସା କୃତ୍ରିମ ଧୂମଘଡ଼ା ଏବଂ ଉଦୀୟମାନ ସାଇବର ବିପଦଗୁଡ଼ିକ ଭଳି ନୂତନ କ୍ଷେତ୍ରଗୁଡ଼ିକ ସମେତ ମୋଟ ୬୩ଟି ଫଳାଫଳ ପାଇଁ କାର୍ଯ୍ୟକୁ ସାମିଲ କରିଛି। ଫ୍ରାନ୍ସରେ ଶ୍ରୀଯୁକ୍ତ ମୋଦୀଙ୍କ ବାଷ୍ଟିଲେ ଦିବସ ପ୍ୟାରେଡ୍‌ରେ ଉପସ୍ଥିତ ରହିବା ଏବଂ ସେହି ପ୍ୟାରେଡ୍‌ରେ ସାରେ ଜାହାଁସେ ଆଚ୍ଛା... ସଙ୍ଗୀତର ମୂର୍ଚ୍ଛନା ଗୁଞ୍ଜରିତ ହେବା ସହିତ ତାଙ୍କୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ତଥା ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପାଦିତ ଚୁକ୍ତି ସମୂହ ଏବଂ ଭବିଷ୍ୟତର ନକ୍ସାଦ୍ୱାରା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟଗୁଡ଼ିକ ସୂଚାଉଛି ଯେ ପ୍ୟାରିସ୍ ନୂଆଦିଲ୍ଲୀ ସହିତ ଏହାର ଏକ ପ୍ରମୁଖ କୌଶଳପୂର୍ଣ୍ଣ ଭାଗିଦାର ଭାବରେ ଭୂମିକାକୁ ରକ୍ଷା କରିବା ନିମନ୍ତେ ଦୃଢ଼ ଭାବରେ ପ୍ରତିବଦ୍ଧ । ଏହା ସମସ୍ତେ ଜାଣନ୍ତି ଯେ ଫ୍ରାନ୍ସ ଭାରତର ଅନ୍ୟତମ ଘନିଷ୍ଠ ମିତ୍ର ଭାବରେ ଏଯାବତ୍ ରହି ଆସିଛି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଦ୍ୱାରା ଏହି ସମ୍ପର୍କର ପୁନଃସମ୍ପ୍ରସାରଣ କୌଣସି ମତେ ଆମେରିକା ସହିତ ସମ୍ପର୍କ ସ୍ଥାପନଠାରୁ କମ୍ ଉଲ୍ଲେଖନୀୟ ନୁହେଁ । ପୁନଶ୍ଚ, ଶ୍ରୀଯୁକ୍ତ ମୋଦୀଙ୍କ ଏହି ଗସ୍ତ ପରେ ୟୁଏଇର ରାଜଧାନୀ ଆବୁଧାବିରେ ଅଟକି ସେହି ଦେଶ ସହିତ ସମ୍ପର୍କର ସୁଦୃଢ଼ୀକରଣ ସୂଚାଇଛି ଯେ ଆନ୍ତର୍ଜାତିକ ସ୍ତରରେ ଅନେକ ପ୍ରକାରର ଅସୁବିଧା ରହିଥିଲେ ସୁଦ୍ଧା ଭାରତର ଛବି ଏହି ସ୍ତରରେ ଉଜ୍ଜ୍ୱଳ ରହିଛି।

ଅମଲାତାନ୍ତ୍ରିକ ଗଣତନ୍ତ୍ର

ଅନିଲ ବିଶ୍ୱାଳ

ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପରିବେଶର ସୁରକ୍ଷାକୁ ନେଇ ସାରା ବିଶ୍ୱରେ ବୋଧହୁଏ ବର୍ତମାନ ସବୁଠାରୁ ବେଶି ଚର୍ଚ୍ଚା ହେଉଛି । ଏହି ଦୁଇଟି ଯାକ ବିଷୟ ଏବେ ସାରା ବିଶ୍ୱର ବୌଦ୍ଧିକ ଦୁନିଆର ସବୁଠାରୁ ବେଶି ବିତର୍କିତ ବିଷୟ ବସ୍ତୁ । କିନ୍ତୁ ଦୁଇଟି ଯାକ ପ୍ରସଙ୍ଗରେ ଆଲୋଚନା ଓ ବାସ୍ତବତାକୁ ଦେଖିଲେ ମନେ ହୁଏ ଯେ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହା ଆଖିରେ ଲୁହ ନାହିଁ ବୋଲି । ଏକଛତ୍ରବାଦ ଓ ରାଜତନ୍ତ୍ରରୁ ଗଣତନ୍ତ୍ରର ବିକାଶ ମାନବ ସଭ୍ୟତାର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତନ । ଗଣତନ୍ତ୍ର କେବଳ ଏକ ରାଜନୈତିକ ଆଦର୍ଶ ନୁହେଁ ବଂର ଏହା ଅଧିକ ଭାବରେ ଏକ ସାମାଜିକ ଦର୍ଶନ। ପ୍ରତ୍ୟକ ବ୍ୟକ୍ତିର ସମ୍ମାନର ସହିତ ବଂଚିବାର ଅଧିକାର ରହିଛି, ସାମାଜିକ ସ୍ୱୀକୃତି ପାଇବାର ଅଧିକାର ରହିଛି, ସମାଜରେ ତାର ସମାନ ଅଧିକାର ଅଛି ଏହା ହିଁ ହେଉଛି ଯୁଗେ ଯୁଗେ ଗଣତନ୍ତ୍ରର ମୂଳ ମନ୍ତ୍ର । ଗଣତନ୍ତ୍ରର ପରିଭାଷାଟା ଏତେ ବ୍ୟାପକ ଏବଂ ଏତେ ବିସ୍ତୃତ ଯେ ଏହାକୁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମରେ ବାନ୍ଧି ହେବ ନାହିଁ । ହେଲେ ସମୟକୁ ସମୟ ଗଣତନ୍ତ୍ର ସୁଦୃଢ ହେଉଛି ନା ସେଥିରେ ଦିନକୁ ଦିନ କିଛି ନୂଆ ଅସଙ୍ଗତି ସୃଷ୍ଟି ହେଉଛି ତାହା ହେଉଛି ଆଲୋଚନାର ବିଷୟ । ସାମ୍ପ୍ରତିକ ସମୟରେ ଗଣତନ୍ତ୍ରକୁ ଦେଖିଲେ ଅନୁଭବ ହୁଏ ଯେ ଧୀରେ ଧୀରେ ଗଣତନ୍ତ୍ର ଟା ଦଳତନ୍ତ୍ରରେ ପରିଣତ ହୋଇଛି ଓ ପରେ ଏହା ବ୍ୟକ୍ତି ବା ଜଣେ ନେତୃତ୍ୱ କେନ୍ଦ୍ରିକ ତନ୍ତ୍ରରେ ପରିଣତ ହୋଇଯାଇଛି । ଆଉ ବ୍ୟକ୍ତିତନ୍ତ୍ରର ଛତ୍ରଛାୟାରେ ଅମଲାତନ୍ତ୍ର ହିଁ ଶକ୍ତିଶାଳି ହୋଇଯାଉଛି । ଗଣତନ୍ତ୍ରରେ ଲୋକେ ଯାହାକୁ ନିର୍ବାଚିତ କରିଛନ୍ତି ସେମାନେ ଆଗ ଧାଡିରେ ରହି ନୀତି ନିର୍ଦ୍ଧାରକ କରିବା କଥା । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅମଲାତାନ୍ତ୍ରିକ ବ୍ୟବସ୍ଥାର ଦାୟୀତ୍ୱ ହେଉଛି ଲୋକେ ଯାହାକୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି ସେମାନଙ୍କୁ ଲୋକଙ୍କ ସେବା କରିବାରେ ସାହାଯ୍ୟ କରିବା । କିନ୍ତୁ ଦେଖାଯାଉଛି ଯେ ଅମଲାତାନ୍ତ୍ରିକ ବ୍ୟବସ୍ଥାର ବାବୁମାନେ ଆଉ ଜନପ୍ରତିନିଧି ବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେଉଁମାନେ ଦାୟୀତ୍ୱମୁଖ୍ୟ ହେବା କଥା ସେମାନଙ୍କୁ ସେତେ ଗୁରତ୍ୱ ଦେଉ ନାହାନ୍ତି । କେବଳ ଔପଚାରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲିଛି । ସେଥିପାଇଁ ଏବେ ଗଣତନ୍ତ୍ରକୁ ଅମଲାତାନ୍ତ୍ରିକ ଗଣତନ୍ତ୍ର କହିବାର ଅବକାଶ ସୃଷ୍ଟି ହେଉଛି । ଯେଉଁଠି ଯେଉଁଠି ବ୍ୟକ୍ତିତନ୍ତ୍ର ବା ରାଜନୈତିକ ନେତୃତ୍ୱ କେବଳ ଜଣେ ଲୋକ ପାଖରେ ରହୁଛି ସେଠି ଅମଲାତନ୍ତ୍ର ମାତ୍ରାଧିକ ଶକ୍ତିଶାଳୀ ହୋଇଯାଉଛି । ଏହା ହିଁ ବଡ ଅନ୍ତରାୟ ସାଜିଛି ସମ୍ପୂର୍ଣ୍ଣ ଓ ଶକ୍ତିଶାଳୀ ଗଣତନ୍ତ୍ର ସ୍ଥାପନା ଦିଗରେ। ଓଡିଶା ସମେତ ଭାରତର ଅନେକ ରାଜ୍ୟରେ ଏପରି ହେଉଥିବାର ଆଭାସ ରହିଛି । ବିଶ୍ୱରେ ଅନେକ ପାଶ୍ଚାତ୍ୟ ଦେଶରେ ମଧ୍ୟ ଏହି ସମସ୍ୟା ରହିଛି।

ଭାରତରେ ସ୍ୱାଧୀନତା ପରେ ପରେ ଯେବେ ସମ୍ବିଧାନ ପ୍ରଣୟନ ହେବା ପାଇଁ ପ୍ରକରଣ ଆରମ୍ଭ ହେଲା ସେତେବେଳେ ସମ୍ବିଧାନ ଲେଖିବାର ଦାୟୀତ୍ୱ ସମ୍ବିଧାନ ପ୍ରଣୟନ ସଭା ବା କନଷ୍ଟିଚ୍ୟୁଏଂଟ ଆସେମ୍ବ୍ଲିକୁ ଦିଆଯାଇଥିଲା । ସେଥିରେ ବାବା ସାହେବ ଆମ୍ବେଦକରଙ୍କ ସମେତ ସାରା ଦେଶର ଅନେକ ବିଦ୍ୱାନମାନେ ସାମିଲ ଥିଲେ । ସେହି ସଭାରେ ଭାରତର ଶାସନ ବ୍ୟବସ୍ଥା କିଭଳି ଏନେଇ ବ୍ୟାପକ ଓ ଅତି ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ମୁଳତଃ ଗଣତାନ୍ତ୍ରିକ ବ୍ୟବସ୍ଥାରେ ତିନୋଟି ଅଙ୍ଗ ରହିଲେ ଯଥା ବ୍ୟବସ୍ଥାପିକା (ନିର୍ବାଚିତ ଜନପ୍ରତିନିଧି), କାର୍ଯ୍ୟପାଳିକା (ସରକାରୀ ଅଧୀକାରୀ), ନ୍ୟାୟପାଳିକା (ବିଚାର ବ୍ୟବସ୍ଥା) । ନ୍ୟାୟପାଳିକା ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଭାବରେ ନାଗରିକମାନଙ୍କର ଅଧୀକାର, ସରକାରଙ୍କର ଦାୟୀତ୍ୱକୁ ସୁନିଶ୍ଚିନ୍ତ କରିବ। ଲୋକମାନଙ୍କ ପାଖରେ ସିଧାସଳଖ ଭାବରେ ଉତର ଦାୟୀତ୍ୱ ଦିଆଗଲା ବ୍ୟବସ୍ଥାପିକା ବା ନିର୍ବାଚିତ ଜନପ୍ରତିନିଧିମାନଙ୍କୁ । ସେମାନେ ହିଁ ଲୋକମାନଙ୍କ ପାଖରେ ସିଧାସଳଖ ଉତରଦାୟୀ ରହିବେ । ସେମାନେ ନେଉଥିବା ନିଷ୍ପତିକୁ କାର୍ଯ୍ୟକାରି କରିବେ କାର୍ଯ୍ୟପାଳିକା ବା ବ୍ୟୁରୋକ୍ରାଟସମାନେ। କିନ୍ତୁ ଯଦି କୌଣସି କାରଣ ପାଇଁ ହେଉ ବା ଅକାରଣ ପାଇଁ ହେଉ ଯଦି ବ୍ୟୁରୋକ୍ରାଟସମାନେ ନିର୍ବାଚିତ ଜନପ୍ରତିନିଧୀମାନଙ୍କୁ ଅଣଦେଖା କରନ୍ତି ବା ପଛକୁ ଠେଲି ସବୁ ନିଷ୍ପତି ନିଜେ କରନ୍ତି, ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଚାହାନ୍ତି ତାହେଲେ ଏହାକୁ ଆମେ ଏକ ସୁଦୃଢ ଗଣତନ୍ତ୍ରର ଲକ୍ଷଣ ବୋଲି କହିପାରିବା କି? ବ୍ୟୁରୋକ୍ରାଟସମାନେ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏକଥାରେ କୌଣସି ଦ୍ୱିମତ ନାହିଁ କିନ୍ତୁ ବାସ୍ତବରେ ଲୋକମାନଙ୍କ ପାଖରେ ଯିଏ ଉତରଦାୟୀ, ଯିଏ ୫ ବର୍ଷରେ ଥରେ ଲୋକଙ୍କ ଜନମତର ସାମ୍ନା କରୁଛି ସେମାନେ ହିଁ ଆଗରେ ରହିବା କଥା । ରାଜନୈତିକ ଦଳମାନେ ଗଣତନ୍ତ୍ରର ଜୀବନରେଖା । ସେଥିରେ ସମାଜର ସବୁ ବର୍ଗର, ସବୁ ଅଂଚଳର, ତଥା ଲୋକମାନଙ୍କ ସହ ଦୈନନ୍ଦିନ ଜୀବନରେ ସାମିଲ ହେଉଥିବା ଲୋକମାନେ ପ୍ରତିନିଧିତ୍ୱ କରିଥାଆନ୍ତି । ରାଜନୈତିକ ଦଳ ଏକ ବ୍ୟବସ୍ଥା । ଏହା ଦୁର୍ବଳ ହୋଇଗଲେ ଗଣତନ୍ତ୍ର ପ୍ରକାରାନ୍ତରେ ଦୁର୍ବଳ ହୋଇଯିବ । ଏଠାରେ ଦୁର୍ବଳ ହୋଇଯିବାର ଅର୍ଥ ନୁହେଁ ଯେ ଆର୍ଥୀକ ଦୃଷ୍ଟିରୁ ଦୁର୍ବଳ କିମ୍ବା କମ ଭୋଟ ପାଇବା । ସେସବୁ ବହୁତ ଛୋଟ ଉପାଦାନ ଗଣତନ୍ତ୍ରର ମୁଳ ଭାବନା ଦୃଷ୍ଟିରୁ । ଏଠାରେ ଦୁର୍ବଳ ହୋଇଯିବାର ଅର୍ଥ ହେଉଛି ଯେ ରାଜନୈତିକ ନେତୃତ୍ୱମାନଙ୍କର ଯେଉଁ ଦାୟୀତ୍ୱ, ଯେଉଁ କ୍ଷମତା ରହିବା କଥା ତାହା ସୁନିଶ୍ଚିନ୍ତ ଅଛି ନା ତାକୁ କିଏ ହଡପ କରି ନେଇଯାଉଛି ତାହା ।

ଯେଉଁଠି ଅମଲାତାନ୍ତ୍ରିକ ବ୍ୟବସ୍ଥା ଗଣତନ୍ତ୍ରରେ ଆଧିପତ୍ୟ ଜାହିର କରେ ସେଠାରେ ସଚିବ, ନିର୍ଦ୍ଦେଶକ, କମିଶନର, କିରାଣୀଙ୍କ କ୍ଷମତା ବିଧାୟକ, ମନ୍ତ୍ରୀ, ସରପଂଚଙ୍କଠାରୁ ଅଧିକ । ଯାହା ଏକ ଗଣତନ୍ତ୍ର ବିଚାର ବିପରୀତାଭିମୁଖି । ଗାଁକୁ ପାଣି ଆସୁନି । ଲୋକେ ପଂଚାୟତ ରାଜ ବିଭାଗର ଅଧୀକାରି କିଏ ବୋଲି ପଚାରନ୍ତି ନାହିଁ। ବଂର ଲୋକେ ଖୋଜନ୍ତି ବିଧାୟକ କିଏ, ସଂରପଚ କାହିଁକି ଆମ ସମସ୍ୟା ବୁଝୁନି । ଚାଷୀ ବିହନ କି ସାର ପାଉନି। ଲୋକେ କୃଷି ସଚିବ କିଏ ଅଛି ତାଙ୍କୁ ଦୋଷ ଦିଅନ୍ତି ନାହିଁ । ଲୋକେ କୃଷି ମନ୍ତ୍ରୀ କିଏ ଅଛନ୍ତି ତାଙ୍କୁ ପ୍ରଶ୍ନ କରନ୍ତି । ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ଲୋକେ ସ୍ୱାସ୍ଥ୍ୟ ବିଭାଗର ସଚିବ କିମ୍ବା ମୁଖ୍ୟ ଶାସନ ସଚିବଙ୍କ ଅପେକ୍ଷା ସ୍ଥାନୀୟ ବିଧାୟକ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । କାରଣ ସେମାନଙ୍କ ଦାବି ପୂରଣ ନହେଲେ ଲୋକେ ସେମାନଙ୍କୁ ୫ ବର୍ଷ ପରେ ଜବାବ ଦେଇପାରିବେ । କିନ୍ତୁ ଯଦି ଅମଲାତନ୍ତ୍ର ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅଣଦେଖା କରୁଥିବ ତାହେଲେ ଲୋକଙ୍କ ଆଶାକୁ ଜନପ୍ରତିନିଧିମାନେ ପୂରଣ କରିପାରିବେ ନାହିଁ । ତାଛଡା କୌଣସି ସରକାରୀ ଅଧୀକାରି ଯେତେ ଅପାରଗ ବା ଦାୟୀତ୍ୱହୀନ ଅବା ଅତି ଚତୁର ଭାବରେ ଯେତେ ଦୁର୍ନୀତି କରିଲେ ବି ଲୋକଙ୍କ ପାଖରେ ତାଙ୍କର କିଛି କରିପାରିବାର ଅଧୀକାରି ନାହିଁ । ଲୋକମାନଙ୍କ ହାତରେ ସରକାରକୁ ବଦଳାଇବାର କ୍ଷମତା ଅଛି ବୋଲି କୁହାଯାଏ । ଏହାର ଅର୍ଥ ହେଉଛି ଯେ ଲୋକଙ୍କ ହାତରେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ବଦଳାଇବାର କ୍ଷମତା ଅଛି ଯାହାକୁ ସରକାର ବଦଳାଇବାର ବୋଲି କୁହାଯାଏ । କିନ୍ତୁ ଲୋକଙ୍କ ହାତରେ କେଉଁ ଅମଲାକୁ ବଦଳାଇବାର କ୍ଷମତା ନାହିଁ। ଜଣେ ଯେତେ ଜନବିରୋଧୀ, ଲୋକଙ୍କୁ ଖରାପ ବ୍ୟବହାର କରୁଥିବା ସରକାରୀ ଅଧିକାରିର କିଛି ବି କରିପାରନ୍ତି ନି ଜନତା । ତେଣୁ ଏକ ଆଦର୍ଶ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିବା ଜନପ୍ରତିନିଧିମାନେ ଯେତେ ସଶକ୍ତ ହେବେ, ଗଣତନ୍ତ୍ର ସେତେ ସଶକ୍ତ ହେବେ, ଲୋକଙ୍କ ଅଧିକାର ସେତେ ଅକ୍ଷୁର୍ଣ୍ଣ ରହିବ । ବ୍ୟବସ୍ଥା ପରିଚାଳନା ବା କାମକୁ ସମ୍ପାଦନ କରିବା ପାଇଁ ସରକାରୀ ଅଧୀକାରିଙ୍କ ଆବଶ୍ୟକତା ଅଛି କିନ୍ତୁ ସେମାନେ ନିର୍ବାଚିତ ହେଉଥିବା ଜନପ୍ରତିନିଧିମାନଙ୍କୁ ଅଣଦେଖା ନକରିବା ଭଲ ।

ଗଣତନ୍ତ୍ରର ଅର୍ଥ କଣ? ଗଣଙ୍କ ଦ୍ୱାରା ପରିଚାଳିତ ତନ୍ତ୍ର ବା ଶାସନ ବ୍ୟବସ୍ଥା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଯେଉଁ ବ୍ୟବସ୍ଥା କଥା ବେଶି ଚର୍ଚ୍ଚା ହେଉଛି ତାହା ହେଉଛି ଅମଲାତାନ୍ତ୍ରିକ ବ୍ୟବସ୍ଥା । ସାଧାରଣ ଲୋକଟିଏ ଏହି ଅମଲାତାନ୍ତ୍ରିକ ଗଣତନ୍ତ୍ର ବିଷୟରେ ବୁଝିପାରେନାହିଁ ବା ଏହାର କୁପ୍ରଭାବ ବିଷୟରେ ଏତେ ଜଲଦି ଠଉରେଇ ପାରେ ନାହିଁ । ଅମଲାତାନ୍ତ୍ରିକ ବ୍ୟବସ୍ଥାର କେହି ବିରୋଧ ନୁହନ୍ତି । କିନ୍ତୁ ଅମଲାତାନ୍ତ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ବିରୋଧ କରାଯିବା ସ୍ୱାଭାବିକ । ଅମଲାତାନ୍ତ୍ରୀକ ଗଣତାନ୍ତ୍ରିକ ବ୍ୟବସ୍ଥା ବାସ୍ତବିକ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥି । ଯେତେବେଳେ ନିର୍ବାଚିତ ଜନପ୍ରତିନିଧିମାନେ କୌଣସି କାରଣ ପାଇଁ ଦୁର୍ବଳ ହୋଇଯାଆନ୍ତି ସେତେବେଳେ ଅମଲାତାନ୍ତ୍ରିକ ବ୍ୟବସ୍ଥା ଗଣତନ୍ତ୍ର ଉପରେ ଭାରି ହୋଇପଡେ ।

ଓଡିଶାରେ ମଧ୍ୟ ଅମଲାତାନ୍ତ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲୁଛି ବୋଲି ବହୁ ସମୟରେ ଅଭିଯୋଗ ହୁଏ । ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ପଛକୁ ଠେଲି ବ୍ୟୁରୋକ୍ରାଟସମାନେ ଶାସନର ମଙ୍ଗ ଧରିଥିବାର ପ୍ରମାଣ ବହୁ ସମୟରେ ଦେଖିବାକୁ ମିଳେ । ନିର୍ବାଚିତ ଜନପ୍ରତିନିଧିମାନେ କେବଳ ଭୋଟର ବା କର୍ମୀମାନଙ୍କ ବାହାଘର, ଜନ୍ମଦିନ, ଅଷ୍ଟପ୍ରହରି, ନାମଯଜ୍ଞ ଓ ଦଳୀୟ ସଭାରେ ଭାଷଣରେ ସୀମିତ ହୋଇଯାଉଛନ୍ତି । ଆଉ ଅମଲାମାନେ ନୀତି ପ୍ରସ୍ତୁତ କରିବା କାମକୁ ହାତକୁ ନେଉଯାଉଛନ୍ତି । ଆଦର୍ଶ ଜନପ୍ରତିନିଧିମାନଙ୍କର ଅଭାବରେ ଆଦର୍ଶ ବିହିନ ଅମଲାତାନ୍ତ୍ରିକ ବ୍ୟବସ୍ଥା ଶକ୍ତିଶାଳୀ ହୁଏ । ବ୍ୟକ୍ତି

କ୍ଷେତ୍ରୀୟ ନିଶ୍ଚେତକ

ଶରୀରର କୌଣସି ଅଂଶକୁ ବଧିରା କରିବା ପାଇଁ ପ୍ରାୟତଃ କ୍ଷେତ୍ରୀୟ ନିଶ୍ଚେତକର ଉପଯୋଗ କରାଯାଏ । ବିଭିନ୍ନ ପ୍ରକାର କ୍ଷେତ୍ରୀୟ ନିଶ୍ଚେତକ ଏବଂ ଇପିଡ୍ୟୁରାଲ ନିଶ୍ଚେତକ ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଏହାକୁ ଇଞ୍ଜେକସନ୍ ମାଧ୍ୟମରେ ଶରୀରର ପଶ୍ଚାତ ଭାଗରେ ସଠିକ୍ ସ୍ଥାନରେ

ଦିଆଯାଇଥାଏ ।

ସାଧାରଣ କ୍ଷେତ୍ରୀୟ ନିଶ୍ଚେତକ ମଧ୍ୟରେ ପେରିଫେରିଆଲ ନର୍ଜ ବ୍ଲକ୍ ମଧ୍ୟ ବ୍ୟବହୃତ ହୋଇଥାଏ । ଏହାଦ୍ୱାରା ପ୍ରାୟତଃ ସର୍ଜରୀ ହେଉଥିବା ସ୍ଥାନର ନିକଟବର୍ତ୍ତୀ ଅଂଶରେ ଇଞ୍ଜେକସନ୍ ମାଧ୍ୟମରେ ଦିଆଯାଇ ସ୍ନାୟୁ ସମୂହକୁ ବଧିରା କରାଯାଇଥାଏ । ସାଧାରଣତଃ କାନ୍ଧ, ବହାରୁର ଅଂଶ ନର୍ଭ ବଧିରା କରିବା ପାଇଁ ବ୍ରାଣ୍ଟିଆଲ ଫ୍ଲେକ୍ସସ୍ ବ୍ଲକ୍ କରିବା ପାଇଁ ଗୋଡରେ ଇଞ୍ଜେକସନ ଦିଆଯାଇଥାଏ । ସେହିପରି ଶରୀର ଉପର ଅଂଶ ସର୍ଜରୀ କ୍ଷେତ୍ରରେ ତଥା ତଳି ପେଟ ଏବଂ ତଳ ଅଂଶ ସର୍ଜରୀ କ୍ଷେତ୍ରରେ ସ୍ପାଇନାଲ କିମ୍ବା ଇପିଡ୍ୟୁରାଲ ନିଶ୍ଚେତକ ବ୍ୟବହାର କରାଯାଇଥାଏ । ଏହାଛଡ଼ା ଶରୀରର ତଳ ଅଂଶର ସର୍ଜରୀ କ୍ଷେତ୍ରରେ ନର୍ଭ ବ୍ଲକର ମଧ୍ୟ ଉପଯୋଗ କରାଯାଇଥାଏ ।

କ୍ଷେତ୍ରୀୟ ନିଶ୍ଚେତକର ଅନେକ ସୁବିଧା ରହିଛି । ସାଧାରଣ ନିଶ୍ଚେତକ ଭଳି ଏହାର ପାର୍ଶ୍ୱ ପ୍ରତିକ୍ରିୟା ନଥାଏ । ଇଣ୍ଡ୍ରା-ଅପରେସନ ତଥା ପୋଷ୍ଟ ଅପରେସନ୍ ସମୟରେ ଏହା ଅପରେସନ କାଳୀନ ଯନ୍ତ୍ରଣା ନିୟନ୍ତ୍ରଣ ଏବଂ ପ୍ରଶମନ କ୍ଷେତ୍ରରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅପରେସନ ପରେ ଏହାଦ୍ୱାରା ଅନେକ ଘଣ୍ଟା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅପରେସନ୍ ପରେ ଏହା ଦ୍ୱାରା ଅନେକ ଘଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ନିୟମିତ ହୋଇପାରିଥାଏ । ସେପରି ଇପିଡ୍ୟୁରାଲ ଆନାଲଜେସିଆ ନିୟମିତ ଲୋକାଲ ଆନାଲଜେସିଆର ମିଶ୍ରଣ କ୍ୟାଥେଟର ମାଧ୍ୟମରେ ବ୍ୟବହାର କରାଯାଇ ସ୍ନାୟୁ ଉପରେ ଆବାଯକ ପ୍ରଭାବ ଅନୁଭୂତ କରାଯାଇ ଯନ୍ତ୍ରଣାକୁ କେତେ ଦିନ ପାଇଁ ମଧ୍ୟ ନିୟନ୍ତ୍ରିତ କରାଯାଇଥାଏ । କ୍ଷେତ୍ରୀୟ ନିଶ୍ଚେତକ ବ୍ୟବହାର ଦ୍ୱାରା ଇଣ୍ଡ୍ରା ଅପରେଟିଭ ରକ୍ତସ୍ରାବ ହ୍ରାସ ପାଇବା ସହିତ ମାଂସପେଶୀରେ ଶିଥିଳତା ସୃଷ୍ଟି ହୋଇଥାଏ

। ଫଳରେ ସର୍ଜନଙ୍କ ପାଇଁ ଅପରେସନ୍ କରିବାରେ ସୁବିଧା ହୋଇଥାଏ । ଏହାଦ୍ୱାରା ସର୍ଜରୀ ସମୟ କମିଯିବା ସହିତ ବ୍ଲଡ୍ ଟ୍ରାନ୍ସଫ୍ୟୁଜନର ଆବଶ୍ୟକତା ଆଶଙ୍କା କମ୍ ହୋଇଥାଏ । ଇପିଡ୍ୟୁରାଲ ଏବଂ ସ୍ପାଇନାଲ ନିଶ୍ଚେତକ ବ୍ୟବହାର ଦ୍ୱାରା ଶରୀରର ତଳଅଂଶରେ ଅପରେସନ ସମୟରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ଦୂରୀଭୂତ କରିଥାଏ ।

ସାମ୍ପ୍ରତିକ ଆଧୁନିକ ତଥା ବିକଶିତ ଜ୍ଞାନକୌଶଳ ଯୁଗରେ ସେବାକୁ ସୁରକ୍ଷିତ କରିଥିବାବେଳେ ସୁରକ୍ଷିତ ମେଡିକେସନ୍ ଏବଂ ବ୍ୟହାର ଉପଯୋଗୀ ଜ୍ଞାନକୌଶଳ ସର୍ଜରୀ ସମୟରେ ତଥା ପରେ ରୋଗୀର ସ୍ୱାସ୍ଥ୍ୟ ତଦାରଖ ପ୍ରକ୍ରିୟାକୁ ଆଶଙ୍କା ବିହୀନ କରିପାରିଛି । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଆଶଙ୍କା ବିହୀନ କରତିପାରିଛି । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଆଶଙ୍କା ମୁକ୍ତ । କ୍ଷେତ୍ରୀୟ ନିଶ୍ଚେତକ ବ୍ୟବହାର ଦ୍ୱାରା ସୃଷ୍ଟି ହେୁଥିବା ସମସ୍ୟା ତଥା ପାର୍ଶ୍ୱପ୍ରତିକିୟା କେବଳ ଇଞ୍ଜେକସନ ଦିଆଯାଇଥିବା ସ୍ଥାନ ବଧିରା ଲାଗିବା ଏବଂ ସାଧାରଣ କ୍ଷତି ମଧ୍ୟରେ ସୀମିତ ରହିଥାଏ । କେତେକ ସ୍ଥଳ ବିଶେଷରେ ନର୍ଭ ବ୍ଲକ ଯୋଗୁ ସୀମିତ ସମୟ ପାଇଁ ବଧିରା ଏବଂ ଝିମ ଝିମ୍ ଲାଗିବା ଭଳି ଅବସ୍ଥା ସୃଷ୍ଟି ହୋଇଥାଏ । କ୍ଷେତ୍ରୀୟ ନିଶ୍ଚେତକ ପ୍ରୟୋଗ ଦ୍ୱାରା କୌଣସି ଗୁରୁତର ସମସ୍ୟା ପ୍ରାୟତଃ ଦୃଷ୍ଟି ଗୋଚର ହୋଇ ନଥାଏ ।

ସମସ୍ତ ବ୍ଲକ୍ ସାଧାରଣ ଭାବରେ ଅପରେଟିଭ୍ ରୁମରେ କାର୍ଯ୍ୟ କରୁଥିବା ବେଳେ ପେରଣ୍ଟେରିଆଲ ନର୍ଭ ବ୍ଲକ୍ ଓଟିରେ ପ୍ରବେଶ କରିବା ପୂର୍ବରୁ ପ୍ରି-ଅପେରେଟିଭ ରୁମରେ ଉପଲବ୍ଧ କରାଯାଇଥାଏ । ସ୍ନାୟୁ ମଧ୍ୟରେ ଏକ ତାର ପ୍ରବେଶ କରାଯାଇ ନିଶ୍ଚେତକ ବିଶେଷଜ୍ଞ ଏହାକୁ ତଦାରଖ କରିବା ସହିତ ସମସ୍ତ ପ୍ରଣାଳୀର କାର୍ଯ୍ୟଧାରାର ବିଶ୍ଳେଷଣ କରିଥାନ୍ତି । ବ୍ଲକ୍ କାର୍ଯ୍ୟ ପୂର୍ବରୁ ତ୍ୱଚାକୁ ଷ୍ଟେରାଇଲ ସଲ୍ୟସନ୍ ସ୍ଥାନରେ ଲୋକାଲ ନିଶ୍ଚେତକର ପ୍ରୟୋଗ କରାଯାଇଥାଏ । ଏହାଦ୍ୱାରା କେବଳ ଆପଣଙ୍କୁ ହାଲକା ଭାବରେ ଚିମୁଟିଲା ଭଳି ଅନୁଭୂତ ହୋଇଥାଏ ।

ସର୍ଜରୀ ପୂର୍ବରୁ ବ୍ଲକ୍ ୧୦୦ ପ୍ରତିଶତ ସଫଳତାର ସହିତ କାର୍ଯ୍ୟ କରୁଛି କି ନାହିଁ କାହାର ପରୀକ୍ଷଣ କରାଯାଇଥାଏ । ଉଦାହରଣ ସ୍ୱରୂପ ଆପଣଙ୍କୁ କୌଣସି ଅନୁଭବ ହେୁନି ବୋଲି ପରୀକ୍ଷଣ କରାଯାଇଥାଏ । ଆପଣ ସଚେତନ ଥାଆନ୍ତୁ କିମ୍ବା ଆପଣଙ୍କୁ କୌଣସି ଯନ୍ତ୍ରଣା ଉପଶମକାରୀ ଔଷଧ ଦିଆଯାଇଥିଲେ ମଧ୍ୟ ଆପଣ ପ୍ରକୃତ ସର୍ଜରୀ ପ୍ରକ୍ରିୟାକୁ ଅନୁଭବ କରି ନଥାନ୍ତି ।

ଉପକାରୀ ପଣସ

ପଣସ ଏକ ସ୍ୱାସ୍ଥ୍ୟପଯୋଗୀ ଫଳ । ଏଥିରେ ଥିବା ଭିଟାମିନ୍, ପଟାସିୟମ, କ୍ୟାଲସିୟମ, ଆଇରନ, ମ୍ୟାଗ୍ନେସିୟମ, ଆଇରନ୍, ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।

ପାଚନତନ୍ତ୍ର ମଜଭୂତ:- ପଣସ ମଞ୍ଜିରେ ଫାଇବର ପ୍ରଚୁର ମାତ୍ରାରେ ଥାଏ। ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୂତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

ଆଖି ପାଇଁ ଭଲ:- ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡ଼ିତ ଥିଲେ ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଓ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ ।

ଏନିମିଆ:- ପଣସ ମଞ୍ଜିରେ ଆଇରନ ଭରପୂର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ, ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

ଥାଇରଲଡ୍:- ଯେଉଁମାନେ ଥାଇରଏଡ୍‌ରେ ପୀଡ଼ିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧିଠୁ କମ୍ ନୁହେ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

କ୍ୟାନସର:- ପଣସ ମଧ୍ୟରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଂଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।

ହେଲଥ୍ ଟିପ୍‌ସ

ଦୈନନ୍ଦିନ ଚାଲି ଚଳଣରେ ଅନେକ ଉପଦେଶ ମାନିବାକୁ ପଡ଼ିଥାଏ। ଏହାକୁ କୌଣସି ପରିସ୍ଥିତିରେ ମଧ୍ୟ ପ୍ରତ୍ୟାଖାନ କରା ଯାଇନପାରେ । ଏହା ଶରୀର ପାଇଁ ନିହାତି ଉପଯୋଗୀ ହୋଇଥିବାରୁ ଏହାର ଆବଶ୍ୟକତା ଅନେକାଂଶରେ ରହିଛି ।

ମଳ, ମୂତ୍ର, କ୍ଷୁଧା, ତୃଷ୍ଣା, ନିଦ୍ରା, କାଶ, ବାନ୍ତି, ଛିଙ୍କ ଓ କୃମ୍ଭା ଆଦି ପରି କେତେକ ପ୍ରାକୃତିକ ବେଗକୁ ଅଟକାଇବା ଉଚିତ ନୁହେଁ ।

ସର୍ବଦା ଲୋଭ, ଶୋକ ଭୟ, ଅହଙ୍କାର, ନିର୍ଲଜ୍ଜତା, ଅତିରାଗ, କ୍ରୋଧ, ଈର୍ଷା ଆଦି ମାନସିକ ମନୋଭାବ ଦୂର କରି ମନକୁ ଶାନ୍ତ ରଖନ୍ତୁ ।

ମନକୁ ଦିନସାରା ବିଭିନ୍ନ ପ୍ରକାର ଶାରୀରିକ ପରିଶ୍ରମରେ ବ୍ୟସ୍ତ ଓ ସଚଳ ରଖିବା ଉଚିତ।

ମନରେ ଧାର୍ମିକ ଭାବନା ପୋଷଣ କରି ଜୀବନର ଦୁଃଖ-ସୁଖକୁ ଧୈର୍ଯ୍ୟର ସହ ସାମ୍ନା କରନ୍ତୁ ।

ଦିନବେଳେ ନ ଶୋଇ ରାତିରେ ୭-୮ଘଣ୍ଟା ନିଦ୍ରା ଗ୍ରହଣ କରନ୍ତୁ । ଶୋଇବା ସମୟରେ ଉଚ୍ଚ ତକିଆ ଓ ନରମ ଶଯ୍ୟା ତ୍ୟାଗ କରିପାରିଲେ ଭଲ ।

କୌଣସି ସ୍ଥାନକୁ ଯାତ୍ରା କଲାବେଳେ ଅନେକ ସତର୍କତା ଓ ସାବଧାନତା ଅବଲମ୍ବନ କରନ୍ତୁ ।

କଠିନ ପରିଶ୍ରମ କରନ୍ତୁ ଓ ଶୀଘ୍ର ଶଯ୍ୟାଗ୍ରହଣ କରି ଶୀଘ୍ର ଶଯ୍ୟାତ୍ୟାଗ କରିବା ଅଭ୍ୟାସ କରନ୍ତୁ ।

ବ୍ୟକ୍ତିଗତ ଜୀବନପଥକୁ ଆମେ ସଜାଡ଼ିବାରେ ଯତ୍ନବାନ ହେଲେ ରୋଗ ବିହୀନ ତଥା ଆୟୁଷ୍ମାନ ହୋଇପାରିବ ।

ହାଇ ହିଲ୍‌ର ପ୍ରଭାବ

ଏ କଥା ସତ ଯେ, ହାଇ ହିଲ୍ ପିନ୍ଧୁଥିବା ଯୁବତୀ ଅଧିକ ଷ୍ଟାଇଲିସ୍ ଲାଗନ୍ତି । ହାଇ ହିଲ୍ ଦେଖିବାକୁ ସୁନ୍ଦର ଲାଗୁଥିଲେ ମଧ୍ୟ ଶରୀର ଉପରେ ଅନେକ କୁ-ପ୍ରଭାବ ପକାଇଥାଏ । ଫିଟନେସ୍ ବିଶେଷଜ୍ଞଙ୍କ ମତରେ, ଲଗାତର ହାଇ ହିଲ ପିନ୍ଧି ଚଲାବୁଲା କଲେ, ଶରୀର ଗଢ଼ଣ ଖରାପ ହୋଇଥାଏ । ଏଣୁ ପ୍ରଥମରୁ ଏଥିପ୍ରତି ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଏହି ସମସ୍ୟା ଅଣାୟତ୍ତ ହୋଇପାରେ । ସେ ଆହୁରି ମଧ୍ୟ କୁହନ୍ତି, ଅଧିକ ସମୟ ଲି ପିନ୍ଧିବା ଦ୍ୱାରା ଅଣ୍ଟା, ଆଣ୍ଠୁ ଭଳି ସମସ୍ୟା ଉପୁଜିବାକୁ ଲାଗେ । କେବଳ ସେତିକି ନୁହେଁ, ଅଣ୍ଟା ଅଧିକ ଓସାରିଆ ହୋଇଯିବା ସହ ଶରୀର ସମସ୍ତ ଭାର ଗୋଡ଼ ଉପରେ ପଡ଼ି ପାଦ ଫୁଲିଥିବାର ଅନେକ ଥର ଦେଖିବାକୁ ମିଳେ । ଖାସ୍ ସେଥିପାଇଁ ହାଇ ହିଲକୁ ପିନ୍ଧିବା ବେଳେ ଏସବୁ କଥା ପ୍ରତି ଧ୍ୟାନ ଦେବା ଉଚିତ ।

ଘନ କେଶ ପାଇଁ ଘିକୁଆଁରୀ

ଘିକୁଆଁରୀ କେଶ ଝଡ଼ା ସମସ୍ୟାକୁ ରକ୍ଷା କରିବା ସହ ଏହାର ବୃଦ୍ଧି କରିଥାଏ । କଡ଼ା ହେଲେ ବି ଏଥିରେ ଢ଼େର ଫାଇଦା ଭରିରହିଛି । ଘିକୁଆଁରୀରେ ୯୬ ପ୍ରତିଶତ ପାଣି ଏବଂ ଏମିନୋ ଏସିଡ୍ ରହିଛି । ଭିଟାମିନ୍ ଏ, ବି, ସି ଏବଂ ଇ'ରେ ଭରପୂର ଘିକୁଆଁରୀ ଶରୀର, ତ୍ୱଚା ଏବଂ କେଶକୁ ଆବଶ୍ୟକ ପୋଷଣ ଦେଇଥାଏ ।

୨ ଚାମଚ ଘିକୁଆଁରୀ ଜେଲକୁ ହାତରେ ନେଇ କେଶ ମୂଳରେ ହାଲକା ମାଲିସ୍ କରନ୍ତୁ । ଅତିକମରେ ଦୁଇଘଣ୍ଟା ପର୍ଯ୍ୟନ୍ତ ଏହାକୁ କେଶ ମୂଳରେ ରଖିଲା ପରେ ଶାମ୍ପୁ କରନ୍ତୁ । ସପ୍ତାହକୁ ଦୁଇଥର ଏଭଳି ଉପାୟ ଆପଣାଇଲେ, କେଶର ସୌନ୍ଦର୍ଯ୍ୟ ଏବଂ ଘନତ୍ୱ ବୃଦ୍ଧି ପାଇଥାଏ ।

୨ ଚାମଚ ଘିକୁଆଁରୀ ଜେଲରେ ୧ ଚାମଚ ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାଇ ହାଲକା ମସାଜ କରନ୍ତୁ । ୧ ଘଣ୍ଟା ପରେ ଏହାକୁ ଧୋଇଦିଅନ୍ତୁ, ପରଦିନ ଶାମ୍ପୁ କରି ସଫାକରନ୍ତୁ । ଏଭଳି ମାସକୁ ୩-୪ଥର କଲେ କେଶ ଲମ୍ବା ଏବଂ ମୁଲାୟମ୍ ହୋଇଥାଏ । କେଶ ପ୍ରବଳ ଝଡୁଥିଲେ ଘିକୁଆଁରିରେ ପିଆଜ ରସ ମିଶାଇ କେଶ ମୂଳରେ ଲଗାନ୍ତୁ । ଦୁଇ ଘଣ୍ଟା ଏହି ମିଶ୍ରଣକୁ କେଶ ମୂଳରେ ଲଗାଇ ରଖିବା ପରେ ଥଣ୍ଡା ପାରିରେ ଧୋଇଦିଅନ୍ତୁ ।

ନଡ଼ିଆ ତେଲରେ ଘିକୁଆଁରୀ ଜେଲ ମିଶାଇ ଶାମ୍ପୁ ପୂର୍ବଦିନ ରାତିରେ ଶୋଇବା ପୂର୍ବରୁ ଭଲ ଭାବେ ମାଲିସ୍ କରିଦେବେ । ଏହା ଦ୍ୱାରା ମଧ୍ୟ କେଶ ଝଡ଼ିବା ସମସ୍ୟାରୁ ତ୍ରାହି ମିଳିଥାଏ ।

ପୋଷ୍ଟନାଟାଲ ଡିପ୍ରେସନ୍

ପିଲାଜନ୍ମ ପରେ ମା ଠାରେ ଦେଖା ଯାଉଥିବା ଅବସାଦକୁ ପୋଷ୍ଟନାଟାଲ ଡିପ୍ରେସନ ବୋଲି କୁହାଯାଏ । ଗର୍ଭାବସ୍ଥା ସମୟରେ କିମ୍ବା ପିଲା ଜନ୍ମ ପରେ ପରେ ୫ଜଣ ମାଙ୍କ ମଧ୍ୟରୁ ଜଣଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ୍ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କ ଠାରେ ଉଦାହରଣ, ଜୀବନରୁ ରୁଚି ହ୍ରାସ ହେବା, ପ୍ରତି କଥାରେ ନିଜକୁ ଦୋଷୀ ଭାବିବା, ନିଜ ଉପରେ ଆରୋପ ଲଗାଇବା ଲକ୍ଷଣ ଦେଖାଯାଏ । କିନ୍ତୁ ଏ ସମସ୍ତ ଲକ୍ଷଣକୁ ସାଧାରଣ ଭାବି ଦମ୍ପତ୍ତି ଅଣଦେଖା କରିଦିଅନ୍ତି । ଯଦ୍ୱାରା ପୋଷ୍ଟନାଟାଲ ଡିପ୍ରେସନର ଚିକିତ୍ସାରେ ବିଳମ୍ବ ହୋଇଥାଏ । ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ଅଧିକାଂଶ ମହିଳାଙ୍କ ଠାରେ ଏସମୟରେ କ୍ରୋଧ ଭାବନା ଅଧିକ ଦେଖାଦିଏ । ବିଶେଷଜ୍ଞଙ୍କ ଅନୁସାରେ, କୋଧ ପୋଷ୍ଟନାଟାଲ ଡିପ୍ରେସନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଏହାର ଚିକିତ୍ସା ସମୟ ପୂର୍ବରୁ କରାନଯାଏ, ତେବେ ମହିଳା ରୋଗମୁକ୍ତ ହେବାରେ ବାଧା ସୃଷ୍ଟି ହୁଏ । ଏହାଦ୍ୱାରା ମା ପିଲା ଏବଂ ପରିବାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏମିତି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟ

ଖରାପ ହୋଇଥାଏ । ଫଳରେ ପରିବାର ଓ ସ୍ୱାମୀଙ୍କ ସାହାଯ୍ୟ ମିଳିବା ପରିବର୍ତ୍ତେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।

ସଂଗ୍ରାମୀ ଆନନ୍ଦ ଚନ୍ଦ୍ର ଜେନାଙ୍କର ଦ୍ୱିତୀୟ ପ୍ରତିମୂର୍ତ୍ତି ଉନ୍ମୋଚନ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ତୁଳସୀ ପାର୍କ ନିକଟରେ ସଂଗ୍ରାମୀ ଆନନ୍ଦ ଚନ୍ଦ୍ର ଜେନାଙ୍କର ଦ୍ୱିତୀୟ ପ୍ରତିମୂର୍ତି ଉନ୍ମୋଚିତ ହୋଇଅଛି । ଜିଲ୍ଲା ପରିଷଦର ଅଧକ୍ଷା ଗୀତାଞ୍ଜଳୀ ସେଠୀ ପ୍ରତିମୂତିକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଅମ୍ରିତ ରତୁରାଜ ଯୋଗଦେଇ ସ୍ୱର୍ଗତ ଆନନ୍ଦ ଜେନାଙ୍କ ଜୀବନାବଳୀ ଉପରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ସ୍ୱାଧୀନତା ସଂଗ୍ରାମୀ ବିନ୍ଧାଧର ମୁଦୁଲି, ମକର ଦାସ, ଶିକ୍ଷାବିତ ପ୍ରଫେସର ନନ୍ଦ କିଶୋର ପରିଡା, ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, ତହସିଲଦାର ଅଞ୍ଜଳୀ ତରାଇ, ପ୍ରମୁଖ ଯୋଗଦେଇ ବିପ୍ଳବୀ ଜେନାଙ୍କା ଜୀବନାବଳି ଉପରେ ଆଲୋକପାତ କରିଥିଲେ । ସ୍ମୃତିକମିଟିର ସଂପାଦକ ରମଣୀ ରଂଜନ ରାଉତରାୟ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ତୁଳସୀ ମହାବିଦ୍ୟାଳୟର ଅଧକ୍ଷା ଡଃ ପ୍ରମିଳା ରାଣୀ ବେହେରା, ଡଃ ମଥୁରୀ ଚରଣ ନାୟକ, ବିଜେଡି ଯୁବ ସଭାପତି ରାଜେଶ ଦାସ, ରଂଜିତ ସାହୁ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଅଭୟ ବେହେରା, ନିରଞ୍ଜନ ମେକାପ, ପ୍ରକାଶ ପରିଡା, ଚୌଧୁରୀ ସୁକୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଧିରେନ୍ଦ୍ର ଦାସ, ସର୍ବ ଶେଷରେ କାଉନସିଲର ନିରାକାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କରୁଣାକର ଦାସ, ଧନ୍ୟବାଦ ଅର୍ପଣ କରିଥିଲେ ।

କାଇଁଚ ହସ୍ତଶିଳ୍ପ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବିତରଣ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): କାଇଁଚ ଶିଳ୍ପର ବିକାଶ ପାଇଁ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି । ଫଳରେ ଏହି ହସ୍ତଶିଳ୍ପରେ ସମ୍ପୃକ୍ତ ଏସଏଚଜି ମହିଳା ସଦସ୍ୟାମାନେ ହୋଇପାରିବେ ସ୍ୱାବଲମ୍ବୀ ଓ ସଶକ୍ତ । ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟାନ ଓ ହସ୍ତଶୀଳ୍ପ ବିଭାଗ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାଇଁଚ ହସ୍ତଶିଳ୍ପ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ହସ୍ତତନ୍ତ୍ର, ବୟନ ଓ ହସ୍ତଶିଳ୍ପ, ଓଡିଶା ସରକାର ରୀତା ସାହୁ ଯୋଗ ଦେଇ ଏଭଳି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ କେନ୍ଦ୍ରାପଡା ପୌରପରିଷଦ ଟାଉନହଲ୍ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧକ୍ଷା ଗୀତାଞ୍ଜଳୀ ସେଠୀ, ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ସଦସ୍ୟ ସଚିବ ଶିଶିର ରଥ, ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଅଜିତ ପ୍ରସାଦ ଭୋଇ ଯୋଗଦାନ କରିଥିଲେ । ଜିଲ୍ଲାରେ କାଇଁଚ ହସ୍ତଶିଳ୍ପର ବିକାଶ ପାଇଁ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ, ହସ୍ତତନ୍ତ୍ର, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର ଏବଂ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅକ୍ଟୋବର ୨୦୨୦ ମସିହାଠାରୁ 'ସଂକଳ୍ପ ପ୍ରକଳ୍ପ' କାର୍ଯ୍ୟକାରୀ କରାଯାଇଥିଲା । ଏହି ସଂକଳ୍ପ ପ୍ରକଳ୍ପରେ ଜିଲ୍ଲାର ୯ଟି ଗ୍ରାମପଂଚାୟତର ୩୫ଟି ଗ୍ରାମର ମୋଟ୍ ୩୧୨୮ ମହିଳା କାରିଗର ଉପକୃତ ହୋଇଛନ୍ତି । ଏହି ଯୋଜନା ମାଧ୍ୟମରେ କାରିଗରମାନଙ୍କ ପାଇଁ ତ୍ରିସ୍ତରୀୟ ଦକ୍ଷତା ତାଲିମ, ନମୁନା ବିକାଶ ତାଲିମ, ଔଦ୍ୟୋଗିକ ବିକାଶ ତାଲିମ ଅନ୍ତଃ ସଂଗଠନ ସୃଜନ, ବୟାଙ୍କ ସହ ସଂଯୋଗୀକରଣ ଇତ୍ୟାଦି କର୍ମଶାଳାମାନ ଆୟୋଜନ କରାଯାଇଛି । ଏତଦ୍ ସଙ୍ଗେ ତାଙ୍କର ଉତ୍ପାଦିତ ଦ୍ରବ୍ୟଗୁଡିକ ଜିଲ୍ଲା, ରାଜ୍ୟ ଓ ଅନ୍ତଃ ରାଜ୍ୟସ୍ତରୀୟ ମେଳା, ପ୍ରଦର୍ଶନୀ ଓ ମହୋତ୍ସବମାନଙ୍କରେ ମାଗଣାରେ ଷ୍ଟଲ ପ୍ରଦାନ କରାଯାଇ ବିକ୍ରିର ବ୍ୟବସ୍ଥା କରାଯାଇଥାଏ । ଅନ୍ୟାନ୍ୟ ରାଜ୍ୟରେ ଏହି ତନ୍ତୁଜ ହସ୍ତକଳା କିପରି ଚାଲିଛି ସେ ବିଷୟରେ ବାହ୍ୟ ଜ୍ଞାନ ଆହରଣ ନିମିତ ୬୦ଜଣ ମହିଳା କାରିଗରଙ୍କୁ ସୁଦୂର ତାମିଲନାଡୁ ରାଜ୍ୟର ଚେନ୍ନାଇ, ମୁଦୁରାଇ ଓ ଗାନ୍ଧୀଗ୍ରାମ ପଠାଯାଇ ସେଠାକାର ପ୍ରସ୍ତୁତି କୌଶଳ ସମ୍ବନ୍ଧରେ ଜ୍ଞାନ ହାସଲ କରାଯାଇଛି । ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଖ୍ୟାତିସମ୍ପନ୍ନ ଜାତିୟର ବିଶ୍ୱବିଦ୍ୟାଳୟ, ଆଇ. ଆଇ.ଏମ୍. ସମ୍ବଲପୁର, ଆଇ.ଆଇ.ଟି. କାନପୁର, କିଟ୍-ଭୁବନେଶ୍ୱର, କଦମ ଓ ଅରେଞ୍ଜ ବୁଲେଟିନ-କୋଲକାତାର ସଂସ୍ଥା ନିୟୋଜନ କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ସାଧାରଣ ସୁବିଧା କେନ୍ଦ୍ର ଜଜାଙ୍ଗ ଓ ବାରୋଠାରେ ସ୍ଥାପନ କରାଯାଇଛି । ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଶ୍ରୀ ଭୋଇ କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ଅବସରରେ କହିଥିଲେ ଯେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ମନୋନୀତ ମହିଳାମାନଙ୍କୁ ମାସକୁ ୧୦୦୦ଟଙ୍କା ଷ୍ଟାଇପେନ୍ ପ୍ରଦାନ କରାଯାଇ ୬ମାସ ତାଲିମ ପ୍ରଦାନ କରାଯାଇଥାଏ । ଏଥିପାଇଁ ଆବଶ୍ୟକ ହୋଇଥିବା କ ।ମାଲ ଓ ମେସିନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥାଏ । ବ୍ୟାଙ୍କମାନଙ୍କ ସହାୟତାରେ ଏହି ହସ୍ତଶିଳ୍ପର ସମୃଦ୍ଧି ପାଇଁ ମହିଳାମାନଙ୍କୁ ୫୦ହଜାର ରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥାଏ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାର ୩୫ଟି ଗ୍ରାମରେ ଥିବା ୩୧୨୮ ଜଣ କାରିଗରଙ୍କୁ ବିଭିନ୍ନ ସମୟରେ ତାଲିମ ପ୍ରଦାନ କରିଥିବା ୧୦୧ଜଣ ତାଲିମ ଦାତାଙ୍କୁ ପ୍ରମାଣପତ୍ର ମାନ୍ୟବର ମନ୍ତ୍ରୀ ବିତରଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମଂଚ ପରିଚାଳନା କରିଥିଲେ ଓ ଶେଷରେ ସଦସ୍ୟ ସଚିବ ଶିଶିର ରଥ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ହାତୀ-ମଣିଷ ଲଢ଼େଇ ରୋକିବାକୁ ବନ ବିଭାଗର ନୂଆ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ହାତୀ-ମଣିଷ ଲଢ଼େଇରେ ଧନଜୀବନ ହାନୀ ରୋକିବାକୁ ନୂଆ ପନ୍ଥା ଆପଣେଇବ ବନ ବିଭାଗ । ପୂର୍ବରୁ ଥିବା 'ଗଜସାଥୀ' କାର୍ଯ୍ୟକ୍ରମ ସହ ୩ଟି ନୂଆ କାର୍ଯ୍ୟକ୍ରମ ଯୋଡ଼ି ହେବ । ତାହା ହେଲା ରେଡିଓ କଲାରିଂ, ସୋଲାର ପାୱାର ଫେନ୍ସିଂ ଓ ହାଇମାସ୍କ ଲାଇଟ୍ । ଏହାଦ୍ୱାରା ଭବିଷ୍ୟତରେ ହାତୀ ଓ ମଣିଷ ଜୀବନ ରକ୍ଷା କରାଯାଇପାରିବାର ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ ସୁଶୀଲ କୁମାର ପୋପଲି । ପିସିସିଏଫ୍ କହିଛନ୍ତି,ଜଙ୍ଗଲୀ ହାତୀ ବେକରେ ରେଡିଓ କଲାର ଲାଗିବ । ଏଥିଲାଗି ବାଙ୍ଗାଲୋରର ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ଏସିଆନ ନେଚର କଞ୍ଜରଭେସନ ଫାଉଣ୍ଡେସନ ସହ ଚୁକ୍ତି ସ୍ୱାକ୍ଷର କରିଛି ବନ ବିଭାଗ । ପ୍ରାରମ୍ଭିକ ଭାବେ ପାଇଲଟ ପ୍ରକଳ୍ପ ଆଧାରରେ ୩ଟି ହାତୀ ବେକରେ ରେଡିଓ କଲାର ଲଗାଯିବ । ଫଳରେ ହାତୀ ଦଳର ଚଳ ପ୍ରଚଳ ନେଇ ରିଅଲ ଟାଇମ ତଥ୍ୟ ହାସଲ ହୋଇପାରିବ । ଯଦି ସେମାନେ ନିଜ କରିଡ଼ରରୁ ବାହାରକୁ ଯାଉଛନ୍ତି, ସେମାନଙ୍କୁ ଟ୍ରାକ କରି ବାଟକୁ ଅଣାଯିବ ଓ ହାତୀଙ୍କ ଗତିବିଧି ନେଇ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇପାରିବ । ପୂର୍ବରୁ ଏହା କର୍ଣ୍ଣାଟକ, ତାମିଲନାଡୁରେ ପ୍ରମାଣିତ ହୋଇସାରିଛି । ଏହି କାର୍ଯ୍ୟକ୍ରମ ଅଧୀନରେ ସୋଲାର ପାୱାର ଫେନ୍ସିଂ କରାଯାଉଛି । ୯୦% ଅର୍ଥ ରାଜ୍ୟ ସରକାର ସବସିଡି ପ୍ରଦାନ କରିବେ, ବଳକା ୧୦% ଅର୍ଥ ଗ୍ରାମବାସୀ ଦେବେ । ଓରେଡା ଏମ୍ପାନେଲ ଭେଣ୍ଡରଙ୍କ ଦ୍ୱାରା ସୋଲାର ଫେନ୍ସିଂ ହେଉଛି । ସୋଲାର ପାୱାର ଫେନ୍ସିଂ ଅଂଚଳରେ ହାତୀ ପଶିବାକୁ ଚେଷ୍ଟା କଲେ ସେମାନଙ୍କୁ କରେଂଟ ଲାଗିବ, କିନ୍ତୁ ଏହାଦ୍ୱାରା କୌଣସି କ୍ଷତି ହେବନି । ଅଧିକ ହାତୀ ଉପଦ୍ରବ ହେଉଥିବା ଅନୁଗୁଳ ବନ୍ତଳା ପାଇଁ ସ୍ୱତନ୍ତ୍ର ପନ୍ଥା କରାଯିବ । ବନ୍ତଳାର ୪୩ ଗ୍ରାମରେ ହେବ ସୋଲାର ପାୱାର ଫେନ୍ସିଂ । ଏହାଛଡ଼ା ହାତୀ- ମଣିଷ ସାମ୍ନାସାମ୍ନି ହେବା ରୋକିବାକୁ ୪୩ ହାଇମାସ୍କ ଲାଇଟ୍ ବି ଲାଗିବ । ଏହାଛଡ଼ା ଓଡ଼ିଶାର ଏକ ଷ୍ଟାର୍ଟ ଅପ୍ ଜରିଆରେ ଏ ଅଂଚଳରେ ଜିଏସଏମ୍ ଆଧାରିତ ଅର୍ଲି ୱାର୍ଣ୍ଣିଂ ସିଷ୍ଟମ ଲଗାଯିବ । ଏହାଦ୍ୱାରା ଏହି ଅଂଚଳକୁ ହାତୀ ପଶିବା ନେଇ ଟ୍ରାକର ଜରିଆରେ ଖବର ମିଳିବା ମାତ୍ରେ ଅର୍ଲି ୱାର୍ଣ୍ଣିଂ ସିଷ୍ଟମ ଅନ କରିବେ, ଯାହାଦ୍ୱାରା ସାଇରନ ବାଜିବା ସହ ରେଡ ଲାଇଟ୍ ଦେଖାଯିବ । ଫଳରେ ଉକ୍ତ ଅଂଚଳରେ ହାତୀ ଥିବା ନେଇ ଲୋକ ସତର୍କ ହୋଇଯିବେ । ଫଳରେ ଧନଜୀବନ ହାନୀ ରୋକି ହେବ ବୋଲି ପିସିସିଏଫ୍ କହିଛନ୍ତି । ପ୍ରାରମ୍ଭିକ ଭାବେ ୫୦୦ ଗ୍ରାମରେ ଆରମ୍ଭ ହୋଇଥିବା 'ଗଜସାଥୀ' ସଚେତନତା କାର୍ଯ୍ୟକ୍ରମ ଗତ ବର୍ଷ ୧୨ ଶହ ଗ୍ରାମକୁ ବିସ୍ତାରିତ ହେଉଛି । ଚଳିତ ବର୍ଷ ଗଜସାଥୀ କାର୍ଯ୍ୟକ୍ରମ ୨ ହଜାର ଗ୍ରାମକୁ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗ୍ରାମରେ ଗ୍ରାମ୍ୟ କମିଟି ଦ୍ୱାରା ଚୟନ ୫ ଜଣ ସ୍ୱେଚ୍ଛାସେବୀକୁ ଗଜ ସାଥୀ ଭାବେ ନିୟୋଜନ କରାଯାଉଛି । ଗତ ବର୍ଷ ପାଇଲଟ ପ୍ରକଳ୍ପ ଆଧାରରେ ଆରମ୍ଭ ହୋଇଛି ଏହି ସ୍କିମ୍ । ହାତୀ ପ୍ରବଣ ଅଂଚଳରେ ଏହି କାର୍ଯ୍ୟକ୍ରମ ପିପିପି ମୋଡରେ କରାଯାଉଛି ।

ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଧର୍ମଶାଳା, ୧୮/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନ ଜିଲା ପରିଷଦ ଉପ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷିତ ହୋଇଛି । ବିଜେଡି ପକ୍ଷରୁ ଏହି ଜୋନ ପାଇଁ ଚକ୍ରଧର ବେହେରାଙ୍କ ନାମ ଘୋଷଣା କରିଥିବା ବେଳେ ବିଜେପି ପକ୍ଷରୁ ମହେଶ୍ୱର ତରାଇ ଓ କଂଗ୍ରେସ ପକ୍ଷରୁ କୁଳମଣି ମଲିକଙ୍କ ନାମ ଘୋଷଣା ହୋଇଛି । ଏହି କ୍ରମରେ ଆଜି ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଯାହାକୁ ନେଇ ଧର୍ମଶାଳାରେ ରାଜନୈତିକ ଉଷ୍ମତା ବଢି ଯାଇଛି । ନାମାଙ୍କନ ପତ୍ରର ଶେଷ ତାରିଖ ଥିବାରୁ ଦଳୀୟ କାର୍ଯ୍ୟାଳୟରେ ସମସ୍ତେ ଏକାଠି ହୋଇ ଯାଜପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରି ନାମାଙ୍କନପତ୍ର ଦାଖଲ କରିଛନ୍ତି । ଚକ୍ରଧର ନିଜ ସମର୍ଥକଙ୍କ ଗହଣରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କଂଗ୍ରେସ ତାର ବରିଷ୍ଠ କର୍ମୀମାନଙ୍କୁ ସାଥୀ କରି କୁଳମଣି ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅନୁରୂପଭାବେ ବିଜେପିର ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ କର୍ମୀମାନେ ଉପସ୍ଥିତ ରହି ଏକ ଶୋଭାଯାତ୍ରାରେ ମହେଶ୍ୱର ବାହାରି ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

କଂଗ୍ରେସ ବିରୋଧରେ କୌଣସି କାମ କରିନି : ଚିରଞ୍ଜୀବ ବିଶ୍ୱାଳ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): କଂଗ୍ରେସରୁ ନିଲମ୍ବନ ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଚିରଞ୍ଜୀବ ବିଶ୍ୱାଳ । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ମୁଁ କଂଗ୍ରେସ ପରିବାରରୁ ଆସିଛି । ମୋତେ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଗଲା । କଂଗ୍ରେସରୁ ନିଲମ୍ବନ କରିବା ମୋତେ ଦାରୁଣ ଆଘାତ ଦେଇଛି । ମୁଁ ଓ ମୋ ଭାଇ ସର୍ବଦା କଂଗ୍ରେସକୁ ସୁଦୃଢ଼ ପାଇଁ କାମ କରିଛୁ । କଂଗ୍ରେସ ବିରୋଧରେ କୌଣସି କାମ କରିନି । କଂଗ୍ରେସକୁ ସୁଦୃଢ଼ କରିବାକୁ ଭୁବନେଶ୍ୱରରେ ଏକ ମିଟିଂ କରାଇଥିଲୁ । ମୁଁ ଜଣେ ସ୍ୱାଭିମାନୀ ଲୋକ, ଆକ୍ସନକୁ ଡରୁନାହିଁ । ଦୁର୍ବଳ ଲୋକ ଅଭିଯୋଗ କରେ, ମୁଁ କେଉଁଠି ଅଭିଯୋଗ କରିବିନି । ଯୋଗ୍ୟ ଲୋକଙ୍କୁ ହତାଶ କରାଯାଉଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଜାନକୀ ଓ ବସନ୍ତଙ୍କ ଯୋଡ଼ି କଂଗ୍ରେସକୁ ସରକାର ଗଠନ କରିବାରେ ସାହାଯ୍ୟ କାରିଥିଲା । ପୂର୍ବରୁ କଂଗ୍ରେସକୁ କିଭଳି ସୁଦୃଢ଼ କରାଯାଇ ପାରିବ, ଆଲୋଚନା ହୋଇଥିଲା । କୁହାଗଲା, ମୋ ପାଇଁ ଝାରସୁଗୁଡ଼ାରେ କଂଗ୍ରେସ ଖରାପ ପ୍ରଦର୍ଶନ କଲା । ହେଲେ ଧାମନଗର ଓ ପଦ୍ମପୁର ନିର୍ବାଚନରେ କାହାପାଇଁ ଖରାପ ପ୍ରଦର୍ଶନ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଚିରଞ୍ଜୀବ ଆହୁରି କହିଛନ୍ତି, ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କଲେ କଂଗ୍ରେସ ସୁଦୃଢ଼ ହୋଇପାରିବନି । ମୁଁ କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ । କଂଗ୍ରେସରୁ ନିଲମ୍ବନ କରିବା ମୋତେ ଆଘାତ ଦେଇଛି । ଗୋଟିଏ କୁଚକ୍ରୀ ଗୋଷ୍ଠୀ ମୋତେ ଦଳରୁ ଦୂରେଇବାକୁ ଚେଷ୍ଟିତ ଅଛି । ଯେଉଁମାନେ ମୋ ବିରୋଧରେ ଚକ୍ରାନ୍ତ କରୁଛନ୍ତି, ୨୫ ବର୍ଷ ହେଲା ଜିତିନାହାନ୍ତି । ଚକ୍ରାନ୍ତ କାହା ପରାମର୍ଶରେ ହେଉଛି, ସେକଥା ମୁଁ ଜାଣିନି ।

ଓଡିଶା ରାଜ୍ୟ କୃଷି ବିପ୍ପଣନ ବୋର୍ଡକୁ ସ୍କଚ୍ ପୁରସ୍କାର: ସମବାୟ ମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଓଡିଶା ରାଜ୍ୟ କୃଷି ବିପ୍ପଣନ ବୋର୍ଡକୁ ସ୍କଚ୍-୨୦୨୩ ପୁରସ୍କାର ମିଳିଛି ଓ କୃଷିରେ ରୌପ୍ୟ ବର୍ଗରେ ଇ-ନାମ୍ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡିଶା ସରକାରଙ୍କ ସମବାୟ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ଓଡିଶା ରାଜ୍ୟ କୃଷି ବିପ୍ପଣନ ବୋର୍ଡ (ଓଏସ୍ଏଏମ୍ ବୋର୍ଡ) ଆଗକୁ ବଢୁଛି । ରାଜ୍ୟର ସମସ୍ତ ୬୬ ନିୟନ୍ତ୍ରିତ ବଜାର କମିଟି ସଫଳତାର ସହ ଇ-ନାମ୍ ପ୍ଲାଟଫର୍ମରେ ସ୍ଥାନିତ ହୋଇଛି । ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ, ଇ-ନାମ୍ ହେଉଛି ଏକ ପାନ୍ ଇଣ୍ଡିଆ ଅନଲାଇନ୍ ପ୍ଲାଟଫର୍ମ ଯାହା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହୋଇଛି ଏବଂ ଏହା କୃଷିଜାତ ଦ୍ରବ୍ୟର ସମସ୍ତ କ୍ରେତା ଏବଂ ବିକ୍ରେତାଙ୍କୁ ଏପିଏମସି (କୃଷି ଉତ୍ପାଦନ ବିପ୍ପଣନ କମିଟି)/ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ମାଧ୍ୟମରେ ଯୋଡିବା ଲକ୍ଷ୍ୟରେ ଅଛି । ଓଡିଶା ଦେଶର ଅନେକ କୃଷିଭିତିକ ଉନ୍ନତ ରାଜ୍ୟକୁ ବହୁ ପଛରେ ପକାଇଛି ଏବଂ ସମସ୍ତ ଆରଏମସି ଅଧୀନରେ ଏହାର କୃଷି ବଜାରରେ ୧୦୦% ଅନନ୍ୟ ସଫଳତା ହାସଲ କରିଛି । ୨୦୧୭ ରେ ଇ-ନାମ୍ ପ୍ଲାଟଫର୍ମରେ କେବଳ ୧୦ ଟି ଆରଏମସି ଥିବାବେଳେ ଓଡିଶା ଦେଶର ଅନେକ କୃଷିଭିତିକ ଉନ୍ନତ ରାଜ୍ୟକୁ ବହୁ ପଛରେ ପକାଇଛି ଏବଂ ସମସ୍ତ ଆରଏମସି ଅଧୀନରେ ଏହାର କୃଷି ବଜାରରେ ୧୦୦% ଅନନ୍ୟ ସଫଳତା ହାସଲ କରିଛି । ଗୋଟିଏ ପାଦ ଆଗକୁ ବଢି ବିଭାଗ ୪୦୧ ସଂଖ୍ୟକ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) କୁ କୃଷି-ବଜାର ପ୍ଲାଟଫର୍ମରେ ସାମିଲ କରିଛି । ଏହି ଏଫପିଓ ର ସଦସ୍ୟ ଭାବରେ ପ୍ରାୟ ୪୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚଜି) ବର୍ତମାନ ସେମାନଙ୍କର ଉତ୍ପାଦର ବିକ୍ରିବଟା ଏହି ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ କରି ଲାଭ ପାଇ ପାରିବେ । ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମାଧ୍ୟମରେ କାରବାରକୁ ସକ୍ଷମ କରିବାକୁ ସୁବିଧାଗୁଡ଼ିକ ବର୍ତମାନ ବିକଶିତ ହୋଇଛି । ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଥିବା ଜଣେ କୃଷକ ବର୍ତମାନ ଦେଶରେ କାର୍ଯ୍ୟ କରୁଥିବା କୃଷି ସାମଗ୍ରୀ ବଜାରକୁ ପ୍ରବେଶ କରାଇପାରିବେ ଏବଂ ନିଜ ଉତ୍ପାଦକୁ ନିଜ ପସନ୍ଦର ମୂଲ୍ୟରେ ନିଜ ଆଙ୍ଗୁଠି ଟିପ ବ୍ୟବହାର କରି ବିକ୍ରି କରିପାରିବେ । ସମବାୟ ବିଭାଗ ଏହି ପ୍ଲାଟଫର୍ମକୁ ପରବର୍ତୀ ପର୍ଯ୍ୟାୟରେ ଆହୁରି ଆଗକୁ ନେବାପାଇଁ ନିଜ ପାଇଁ ଏକ ଲକ୍ଷ୍ୟ ସ୍ଥିର କରିଛି । ଗ୍ରାମ ପଂଚାୟତ ସ୍ତରରେ ଥିବା ଗାଁ ଗହଳର ହାଟ ହେଉଛି ବିଭାଗର ପରବର୍ତୀ ଲକ୍ଷ୍ୟ । ରାଜ୍ୟରେ କାର୍ଯ୍ୟ କରୁଥିବା ଏହି ସମସ୍ତ କ୍ଷୁଦ୍ର ଏବଂ ମଧ୍ୟମ ବଜାରକୁ ଏହି ଇଲେକଟ୍ରୋନିକ ପ୍ଲାଟଫର୍ମ ସହିତ ଯୋଡିବା ଏବଂ ଦୂର ଦୂରାନ୍ତ ଅଂଚଳରେ ରହୁଥିବା କ୍ଷୁଦ୍ର / ନାମମାତ୍ର ଚାଷୀମାନେ କିଭଳି ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଅନଲାଇନ୍ ବଜାର ବ୍ୟବସ୍ଥାରେ କାରବାର କରି ଲାଭ ଉଠାଇ ପାରିବେ ସେଥିପାଇଁ ଯୋଜନା କରାଯାଇ ଟିମ୍-ସମବାୟ ଉଦ୍ୟମ

ସାହିତ୍ୟ ଅନୁଷ୍ଠାନ 'ଆମେ' ପକ୍ଷରୁ ଚିତାଲାଗି ଅମାବାସ୍ୟା ଆସର

ଭଦ୍ରକ, ୧୮/୦୭ (ନି.ପ୍ର): ସାହିତ୍ୟ ସଂସ୍କୃତି ସଂଗଠନ "ଆମେ"ର ଚିତା ଚିତା ଲାଗି ଅମାବାସ୍ୟା ଓ ଷଷ୍ଠ ସ୍ୱ-ନକ୍ଷତ୍ର ଦିବସ ପାଳିତ ହୋଇ ଯାଇଛି । ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ଏକ ମହାନ ପର୍ବ ଚିତାଲାଗି ଅମାବାସ୍ୟା । ଏହି ଦିନ ପ୍ରଭୂ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ହୀରା ନିଳା ଓ ମାଣିକର ଚିତା ମସ୍ତକରେ ଧାରଣ କରିଥାନ୍ତି । ଏହାବ୍ୟତୀତ ଏହି ପର୍ବ ଏକ କୃଷିଭିତ୍ତିକ ପର୍ବ । ଚାଷୀ କୂଳର କୌଣସି ସଦସ୍ୟମାନଙ୍କ ଗୋଡ଼କୁ ଗେଣ୍ଡା, କୋଚିଆ, ସାପ ଇତ୍ୟାଦି ନ କାଟିବା ପାଇଁ ଠାକୁରଙ୍କୁ ଡାକି ଚିତଉ ପିଠା ନଦୀ ଗଡ଼ିଆରେ ସମର୍ପଣ କରାଯାଇଥାଏ ବୋଲି ଉକ୍ତ କାର୍ଯ୍ୟକ୍ରମରେ ବହୁ ବକ୍ତା ମତବ୍ୟକ୍ତ କରିଛନ୍ତି । ଆମେ ସଂଗଠନର ମୁଖ୍ୟ ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଆଇଏମଏର ସର୍ବକାଳୀନ ପୁରସ୍କାର ପ୍ରାପ୍ତ ତଥା ପ୍ରାକ୍ତନ ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରାଧାପକ ଡ. ରମାକାନ୍ତ ନାୟକ, ରୋଟାରୀ ମିଡ ଟାଉନର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଅତିଶ ବେହେରା, ନାଟ୍ୟକାର ନିର୍ମଳ ରାଉତ, ଅବସରପ୍ରାପ୍ତ ପ୍ରାଧାପିକା ଭାନୁମତୀ ମାଟିଆ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିତା ଲାଗି ଅମାବାସ୍ୟା ସମ୍ପର୍କରେ ମତ ରଖିଥିଲେ । ନିମନ୍ତ୍ରୀତ ଅତିଥି ଭାବେ ରୋଟାରୀ ଇଣ୍ଟରନେସନାଲର ପ୍ରାକ୍ତନ ସଭାପତି ପ୍ରଣବ ସାହୁ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଡ. କୃପାସିନ୍ଧୁ ନାୟକ, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସଦସ୍ୟ ଗିରିଧାରୀ ନାଥ, ଅଗଣି ଚରଣ ଜେନା, କବି ଅବନୀ ପ୍ରଦାନ, ଚିନ୍ତନ ଚକ୍ରର ସଦସ୍ୟ ରଂଜୀବ ରାଉତ, ସମ୍ମିତ ମିଶ୍ର, ନବରାଗ ପତ୍ରିକାର ସମ୍ପାଦିକା ମଧୁସ୍ମିତା ନାୟକ, ମାଳତୀ ପାଢ଼ୀ, ସୁରେଶ ଜେନା, ଜୈବ ବିଜ୍ଞାନୀ ରମାକାନ୍ତ ପଣ୍ଡା, ଡାକ ଅଧିକ୍ଷକ ଦିଗମ୍ବର ଗୋସ୍ୱାମୀ, ଉର୍ମିଳା ସ୍ୱାଇଁ, ପ୍ରିୟଙ୍କା ସାହୁ, ପୂଜାରିଣୀ ଜେନା, ପୂର୍ଣ୍ଣିମା ପରିଡ଼ା, ମାଧବୀଲତା ନାୟକ, ୟୁଡି ଗ୍ରୁପ ଅଧକ୍ଷ ଅତୁଲ ନାୟକ, ଅଧାପକ ଅମିତ ନାୟକ, ଅଦ୍ୟସ ଦାସ, ଅସ୍ମିତା ସଭା ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ସମାନ ନାଗରିକ ସଂହିତା ସମର୍ଥନରେ ବୁଦ୍ଧିଜୀବୀ ସମ୍ମିଳନୀ

ବାରିପଦା, ୧୮/୦୭ (ନି.ପ୍ର): ସ୍ଥାନୀୟ ବାରିପଦା ସ୍ଥିତ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ସମ୍ମିଳନୀ କକ୍ଷରେ ସମାନ ନାଗରିକ ସଂହିତା କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସର୍ବେଶ୍ୱର ବେହେରା ଯୋଗ ଦେଇ ୟୁସିସି ସମ୍ବନ୍ଧରେ ଲୋକ ମାନଙ୍କ ଭିତରେ ଏକ ଭ୍ରମ ଧାରଣା ସୃଷ୍ଟି କରାଯାଉଛି ବୋଲି କହିଥିଲେ । ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ଦର୍ଶନ ବିଭାଗ ଅଧ୍ୟାପକ ପ୍ରତାପ କେଶରୀ ସଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାନ ନାଗରିକ ସଂହିତା ଦେଶ ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶୁଭେନ୍ଦୁ ପାଲ, କ୍ଷେତ୍ରମୋହନ ପଣ୍ଡା, ଶ୍ରଦ୍ଧାଞ୍ଜଳି ପଣ୍ଡା, ପ୍ରତିମା ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଏହି ଆଲୋଚନା ଚକ୍ରକୁ ଆଇନଜୀବୀ ଲିଙ୍ଗରାଜ ମିଶ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ଉପେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

କାୟାକଳ୍ପ ସଂପର୍କରେ ସଚେତନତା ଓ ଦିନିକିଆ ତାଲିମ ଶିବିର

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଶ୍ୟାମଗୁଡିଆ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ କାୟାକଳ୍ପ ସଂପର୍କରେ ସଚେତନତା ଓ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ ଅଧକ୍ଷତା କରିଥିଲେ । କାୟାକଳ୍ପ ଯୋଜନାରେ ଜିଲ୍ଲାରେ ଥିବା ଚିକିତ୍ସାଳୟ ଗୁଡିକୁ ଉନ୍ନିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ବୈଠକରେ ଆଲୋଚନା କରାଯାଇ ଥିଲା । ଜିଲ୍ଲାରେ ମୋଟ୍ -୫୮ ଟି ଚିକିତ୍ସାଳୟ ଥିବାବେଳେ ସେଥିରୁ ପି.ଏଚ୍.ସି ସଂଖ୍ୟା-୪୬, ସି.ଏଚ୍.ସି ସଂଖ୍ୟା-୮, ସବଡିଭିଜନ ସ୍ତରୀୟ-୨ ଓ ସହରାଂଚଳ ଚିକିତ୍ସାଳୟ ୨ଟି ରହିଛି । ସେଥି ମଧ୍ୟରୁ ଗତ ଯୋଜନାରେ ୩୦ଟି ଚିକିତ୍ସାଳୟକୁ କାୟାକଳ୍ପ ଅନ୍ତର୍ଭୁକ୍ତ କରାଯାଇ ଥିବା ବେଳେ ଆଜିର ତାଲିମରେ ଆଉ ଅଧିକ ୨୦ଟି ଚିକିତ୍ସାଳୟକୁ କାୟାକଳ୍ପ ଅନ୍ତର୍ଭୁକ୍ତ କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବ୍ୟବସ୍ଥା କରାଯାଇଛି ।

କଲେଜରେ ଅଧାପକ ନିଯୁକ୍ତି ପାଇଁ ଦାବିପତ୍ର: ଦାବି ପୂରଣ ନହେଲେ ଅଗଷ୍ଟ ୨ରେ ରାଜପଥ ଅବରୋଧ

ବାରିପଦା , ୧୮/୦୭ (ନି.ପ୍ର): ଚକ ଶୁଳିଆପଦା ସ୍ଥିତ ଉତ୍କଳ ବନାନୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୀମାନ୍ତବର୍ତୀ ଆଦିବାସୀ ବହୁଳ ଅଞ୍ଚଳ ମଧ୍ୟରେ ଅବସ୍ଥିତ ଥିବା ବେଳେ ଏଠାରେ ୩୦୦ରୁ ଉର୍ଦ୍ଧ ଛାତଛାତ୍ରୀ ପାଠ ପଢୁଛନ୍ତି. କଲେଜରେ ଅଧାପକ ଅଭାବ ହେତୁ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଜି ଜେ.ଏମ.ଏମ. ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲା ପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ଆଗାମୀ ୧୫ଦିନ ମଧ୍ୟରେ ଏହି ସମସ୍ୟା ଗୁଡ଼ିକର ସମାଧାନ କରା ନଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ସହ ମିଳିତ ଭାବରେ ଜେ.ଏମ.ଏମ. ପକ୍ଷରୁ ଆଗାମୀ ଅଗଷ୍ଟ ୨ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ୧୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଚେତାବନୀ ଦିଆ ଯାଇଛି । ଏହିଦାବିପତ୍ରର ନକଲ ଓଡିଶା ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ଶୁଳିଆପଦା ବ୍ଲକର ବି.ଡି.ଓ. ଙ୍କୁ ପ୍ରଦାନ କରାଯାଇଥିବା ବେଳେ ଦାବିପତ୍ର ପ୍ରଦାନରେ ଦୀପକ କୁମାର ମହାନ୍ତ, ବବୁଲୁ ସୋରେନ, ସନାତନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

ଟିଟିପିଏସ୍ ସଂପ୍ରସାରଣ ପ୍ରକଳ୍ପ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଏନ୍‌ଟିପିସି ଅଧିନସ୍ଥ ଟିଟିପିଏସ୍ ପ୍ଲାଂଟର ସଂପ୍ରସାରଣ ଓ ଏଥିରେ ବାଧକ ସୃଷ୍ଟି କରୁଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ଟିଟିପିଏସ୍‌ର ୧୩୨୦ ମେଗାୱାଟ୍ ଓ ୧୧୮୪୩.୭୫ କୋଟି ଟଙ୍କା ମୂଲ୍ୟର ଟିଟିପିଏସ୍ ଷ୍ଟେଜ୍-୩ର ପ୍ରକଳ୍ପ କାର୍ଯ୍ୟରେ ୨୦୨୩ ଜୁନ୍ ମାସ ସୁଦ୍ଧା ୬୦୦ କୋଟି ଟଙ୍କା ବ୍ୟୟ ହୋଇଥିଲାବେଳେ ବିଭିନ୍ନ କାରଣ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିରେ ମନ୍ଥର ସ୍ଥିତି ଉପୁଜିଛି । ଟିଟିପିଏସ୍ ପ୍ଲାଂଟ ମଧ୍ୟ ଦେଇ ଯାଇଥିବା ଜଗନ୍ନାଥପୁର-ଆନନ୍ଦବଜାର ରାସ୍ତା ସଂପୂର୍ଣ୍ଣ ବନ୍ଦ କରିବା, ପ୍ଲାଂଟ ଏରିଆକୁ ନିଷିଦ୍ଧାଂଚଳ ଘୋଷଣା କରିବା, ଓଡ଼ିଶା ସରକାରଙ୍କ ରୋଡ୍ ଏବଂ ବିଲ୍‌ଡିଂ ବିଭାଗ ପକ୍ଷରୁ ରେଳ ଓଭର ବ୍ରିଜ୍ କାର୍ଯ୍ୟ ସମାପ୍ତ କରିବା ଉପରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହା ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଏନ୍‌ଟିପିସିର ୮୦୦ ମେଗାୱାଟ୍ ବିଶିଷ୍ଟ ଦର୍ଲିପାଲି ଷ୍ଟେଜ୍-୨ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ । ଏହା ବ୍ୟତୀତ ଟିଟିପିଏସ୍ ପ୍ରବେଶ ଦ୍ୱାର ସନ୍ନିକଟ ପ୍ରତି ସପ୍ତାହରେ ଦୁଇଥର ଆନନ୍ଦବଜାର ହାଟ ଯୋଗୁଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏଣୁ ହାଟକୁ ଅନ୍ୟତ୍ର ଉଠାଇ ନେବାକୁ ସ୍ଥିର ହୋଇଛି । ଅନୁଗୋଳ ଓ ସମ୍ବଲପୁର ଜିଲ୍ଲାପାଳ ଅକ୍ଟୋବର ମାସ ସୁଦ୍ଧା ଏ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ବିରୋଧୀଙ୍କ ବେଙ୍ଗାଲୁରୁ ....

ଦୁର୍ନୀତିର ଗ୍ୟାରେଣ୍ଟି ଦେଇପାରିବେ । ଆଜିଠାରୁ ହିଁ ଦେଶର ଲୋକମାନେ ଆମକୁ ୨୦୨୪ରେ ପୁଣି ଆଣିବେ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି । ତେଣୁ ଭାରତର ଦୁର୍ଦ୍ଦଶା ପାଇଁ ଦାୟୀ ଲୋକମାନେ ଏବେ ସେମାନଙ୍କ ଦୋକାନ ଖୋଲିବା ଆରମ୍ଭ କରିଛନ୍ତି । ୨୪ ପାଇଁ ୨୬ ହୋଇଥିବା ରାଜନୀତିକ ଦଳଗୁଡ଼ିକ ପାଇଁ ଏହା ଉପଯୁକ୍ତ । ସେମାନେ ଏବେ ଅଲଗା ଗୀତ ଗାଉଛନ୍ତି । କିନ୍ତୁ ବାସ୍ତବ ଚିତ୍ର କିଛି ଭିନ୍ନ । କିଛି ଅଲଗା ଲେବଲ ସେମାନେ ଲଗାଇ ପାରନ୍ତି । କିନ୍ତୁ ଉତ୍ପାଦ ଆଉ କାହାର । ସେମାନଙ୍କ ଦୋକନରେ ଜାତିବାଦର ବିଷ ଓ ବ୍ୟାପକ ଦୁର୍ନୀତିର ଗ୍ୟାରେଣ୍ଟ ରହିଛି । ଏବେ ସେମାନେ ବେଙ୍ଗାଲୁରୁରେ ଅଛନ୍ତି । ଦେଶର ଲୋକମାନେ କହୁଛନ୍ତି ଏହା ଏକ କଟର ଭ୍ରଷ୍ଟାଚାର ସମ୍ମିଳନୀ । ଉକ୍ତ ବୈଠକର ଆଉ ଏକ ସ୍ୱତନ୍ତ୍ରତା ହେଲା କୋଟି କୋଟି ଟଙ୍କା ଦୁର୍ନୀତି ମାମଲାରେ ଜାମିନ ପାଇଥିବା ଲୋକଙ୍କୁ ବଡ଼ ସମ୍ମାନ ଦିଆଯାଉଛି । ଯଦି ପୂରା ପରିବାର ଜାମିନରେ ମୁକୁଳିଥାଆନ୍ତେ, ତା'ହେଲେ ସେମାନଙ୍କୁ ଆହୁରି ସମ୍ମାନ କରାଯିବ । ଯଦି କେହି ଗୋଟିଏ ସଂପ୍ରଦାୟକୁ ଅପମାନିତ କରିବେ ଓ କୋର୍ଟ ଦ୍ୱାରା ଦଣ୍ଡ ପାଇବେ, ତାଙ୍କୁ ମଧ୍ୟ ସମ୍ମାନ କରାଯିବ ।"

୧୧ ଜଣିଆ ଆନ୍ତଃରାଜ୍ୟ....

ସୂଚନା ଅନୁଯାୟୀ, ଏମାନେ ଦୀର୍ଘ ଦିନ ଧରି ଚଡ଼ି ଗଞ୍ଜି ପିନ୍ଧି ରାତିରେ ଘରେ ପଶି ଲୁଟ କରୁଥିଲେ । ଗୋଟେ ରାତିରେ ଦୁଇରୁ ତିନୋଟି ଘରେ ଲୁଟ କରୁଥିଲେ । ଏମାନେ ଦିନ ବେଳେ ରେକି କରନ୍ତି ଓ ରାତିରେ ଲୁଟ କରନ୍ତି । ଅଟୋ କିମ୍ବା ଟ୍ରେନରେ ଯାତ୍ରା କରି ବିଭିନ୍ନ ସ୍ଥାନକୁ ଯାଆନ୍ତି ଓ ଘରେ ପଶି ଲୁଟ କରନ୍ତି । ଲୋକ ଶୋଇଥିବା ବେଳେ ଶୋଇବା ରୁମ ଆଗ ଲକ କରନ୍ତି, ତା ପରେ ଅନ୍ୟ ରୁମରେ ଲୁଟ କରନ୍ତି । ରାସ୍ତା କଡ଼ ଘର କିମ୍ବା ରେଳ ଲାଇନ କଡ଼ ଘରକୁ ଟାର୍ଗେଟ କରନ୍ତି ।

ସୃଷ୍ଟି ହେଲା ଘୁର୍ଣ୍ଣିବଳୟ....

ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ୨୦ରୁ୨୨ ତାରିଖ ଯାଏଁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେମି) ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି । ସେହିପରି ୭ଟି ଜିଲ୍ଲାକୁ ପ୍ରବଳ ବର୍ଷା (୭ରୁ ୧୧ ସେମି) ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲାଗୁଡିକ ହେଲା ନୂଆପଡା, ବଲାଙ୍ଗିର, କନ୍ଧମାଳ, ରାୟଗଡା, ଗଜପତି, ଗଂଜାମ ଓ ପୁରୀ । ସେହିପରି ଆସନ୍ତାକାଲି ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ନେଇ ୧୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ବିଧାୟକଙ୍କୁ ନେଭା ଆପ୍ଲିକେସନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଓଡ଼ିଶା ବିଧାନସଭାକୁ ସଂପୂର୍ଣ୍ଣ ଭାବେ ପେପରଲେସ୍ ବିଧାନସଭାରେ ପରିଣତ କରିବା ସହ ସମସ୍ତ କାର୍ଯ୍ୟ ଡିଜିଟାଲ୍ ମାଧ୍ୟମରେ ସଂପାଦନ କରିବା ଉଦ୍ଦେଶ୍ୟରେ ବିଧାନସଭାର ସମସ୍ତ ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଭା ଆପ୍ଲିକେସନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି କ୍ରମରେ ମଙ୍ଗଳବାର ବିଧାନସଭାର ସଦସ୍ୟମାନଙ୍କ ପାଇଁ ବିଧାନସଭା ପରିସରସ୍ଥିତ ନେଭା ସେବାକେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପସ୍ଥିତ ବିଧାୟକମାନଙ୍କୁ କହିଲେ ଯେ ଉଭୟ ସଂସଦ ଏବଂ ବିଭିନ୍ନ ରାଜ୍ୟର ବିଧାନସଭାଗୁଡ଼ିକୁ ପେପରଲେସ କରି ଡିଜିଟାଲ ଉପାୟରେ ପରିଚାଳିତ କରିବା ପାଇଁ ନ୍ୟାସନାଲ ଇ-ବିଧାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ଏକ ଜାତୀୟସ୍ତରର କାର୍ଯ୍ୟକ୍ରମ । ଆଗାମୀ ଦିନରେ ଦେଶବ୍ୟାପୀ ଏହା କାର୍ଯ୍ୟକାରୀ ହେବ । ଆଗାମୀ ଦିନରେ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଲ୍ ପଦ୍ଧତିରେ ଏହି ନେଭା ଆପ୍ଲିକେସନ୍ ଜରିଆରେ ସଂପାଦିତ ହେବ ।

ଦିନରାତି ବର୍ଷା, ରାତି ଉଜାଗର ରହ ନଗରପାଳ ଲୋକଙ୍କ ସମସ୍ୟା ଦୂର ପାଇ ଚେଷ୍ଟିତ

ବଲାଙ୍ଗିର, ୧୮/୦୭ (ନି.ପ୍ର): ବିଜୁଳି ସହ ଘଡିଘଡି ତା ସାଙ୍ଗକୁ ଲଗାଣ ଝଡବର୍ଷା । ଏହିପରି ଦିନ ରାତି ଝଡ ବର୍ଷା ପରିସ୍ଥିତିରେ ସହରର ବିଭିନ୍ନ ସ୍ଥାନକୁ ରାତ୍ରି ଉଜାଗର ରହି ଲୋକଙ୍କ ସମସ୍ୟା ପାଇଁ ଘୁରି ବୁଲୁଛନ୍ତି ବଲାଙ୍ଗୀର ପୌରପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ । ବଲାଙ୍ଗୀର ସହର ଏକ ସର୍ବ ପୁରାତନ ସହର ମଧ୍ୟରେ ଅନ୍ୟତମ ଓ ଚେସ୍ ବୋର୍ଡ ପରି ସହର ଭାବରେ ପରିଚିତ । ଗତକାଲି ସହରରେ ଓ ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଦିନ ତମାମ ରହିଥିବା ବେଳେ ରାତିରେ ବିଜୁଳି ଓ ଘଡିଘଡି ସହ ନିର୍ଧୁମ ବର୍ଷା ହୋଇଛି । ପୌର ଅଧିନରେ ରହିଥିବା ବିଭିନ୍ନ ୱାର୍ଡ ମାନଙ୍କରେ ପାଣି ଜମା ହୋଇ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଲାଙ୍ଗୀର ରୁଗୁଡିପଡାରେ ଏକ ନାଳା ଉପରେ ପୋଲ ନୂତନ ଭାବରେ ନିର୍ମାଣ ହୋଇଛି । ସେହି ପୋଲ କାର୍ଯ୍ୟ ଏକ ପ୍ରକାର ସମାପ୍ତ ହେବାକୁ ରହିଥିଲେ ହେଁ ଜଳ ନିଷ୍କାସନ ହେବା କାର୍ଯ୍ୟ ସମାପନ ହୋଇ ନାହିଁ । ଯାହା କି ମିଡିଆ ମାଧ୍ୟମରେ ପୌର ଅଧକ୍ଷା ଲିକା ସାହୁଙ୍କୁ ଦୃଷ୍ଟି ଗୋଚର କରାଯାଇଥିଲା । ଶ୍ରୀମତି ସାହୁ ଗତକାଲି ଦିନ ତମାମ ଓ ରାତ୍ରି ଲୋକଙ୍କ ବିଭିନ୍ନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନକୁ ଯାଇ ସମାଧାନ କରୁଥିବା ସମୟରେ ହଠାତ୍ ରାତ୍ରି ୨ ଟା ୧୦ ମିନିଟ୍ ସମୟରେ ମୋବାଇଲ୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସହ ଯୋଗାଯୋଗ କରି ସେହି ନିର୍ମାଣ ହେଉଥିବା ପୋଲର ଆଖ ପାଖ ଘର ଗୁଡିକ ପାଣି ପସି ଯାଇଥିବା ଦେଖି ସଙ୍ଗେ ସଙ୍ଗେ ଜେସିବି ଗାଡି ଲଗାଇ ପାଣି ନିଷ୍କାସନ ବ୍ୟବସ୍ଥା କରାଇଥିଲେ । ସହରର ବହୁ ଗୁଡାଏ ପଡାକୁ ଯାଇ କେଉଁଠି ଜେସିବି ତ କେଉଁଠି ଅଗ୍ନିଶମ ବିଭାଗ ସହାୟତାରେ ଜଳବନ୍ଦିରେ ରହିଥିବା ପରିବାର ଲୋକଙ୍କୁ ସହାୟତା କରିଥିଲେ । ରାତ୍ରି ଯାକ ଲୋକଙ୍କ ପାଖରେ ଛିଡ଼ା ହୋଇ ସହଯୋଗର ହାତ ବଢାଇଥିବା ଯୋଗୁଁ ଆଜି ପୌର ଅଧିନରେ ରହିଥିବା ବିଭିନ୍ନ ୱାର୍ଡର ଲୋକେ ତାଙ୍କର କାର୍ଯ୍ୟ ପାଇଁ ତାଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ମୁନ୍ସିପାଲିଟୀ ସହର ମଧ୍ୟରେ ଥିବା ଡ୍ରେନ ଗୁଡ଼ିକ ନୂତନ ନିର୍ମାଣ ସାଙ୍ଗକୁ ପୁରୁଣା ଡ୍ରେନ ସଫେଇ କାମ ହୋଇଥିଲା, ହେଲେ ଏହା ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ ହୋଇନଥିବା ବେଳେ ଅନେକ ସ୍ଥାନରେ ପଲିଥିନ ଅଳିଆ ଆବର୍ଜନା ଡ୍ରେନ ଭିତରେ ପଡ଼ିବା, ରାସ୍ତା କଡ଼ରେ ଦିସ୍ପୋଜେବଲ ବୋତଲ କଭର୍ ଇତ୍ୟାଦି ଲୋକେ ଫିଙ୍ଗା ଫିଙ୍ଗି କରୁଥିବାରୁ ଏସବୁ ଜଳ ସ୍ରୋତରେ ଯାଇ ନିଷ୍କାସନ ଅନେକ ସ୍ଥାନରେ ଅସୁବିଧା ସୃଷ୍ଟି ହେଉଛି । ବଲାଙ୍ଗିର ସହର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥିତ ଭାବରେ ବର୍ଦ୍ଧିତ ଜନ ବସତି ପାଇଁ ଦୂରଗାମୀ ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି ।

ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମାନଙ୍କର ଉତ୍କଟ ଦାରିଦ୍ର୍ୟ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ : କଂଗ୍ରେସ

ଭୁବନେଶ୍ୱର, ୧

ବୁଧବାର, ଜୁଲାଇ ୧୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଭଦ୍ରକ ଜିଲ୍ଲାକୁ ମିଳିଲା ଭୂମି ସମ୍ମାନ: ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କଲେ ଅତିରିକ୍ତ ଜିଲ୍ଲାପାଳ ଏବଂ ଟିମ୍

ଭଦ୍ରକ, ୧୮/୦୭ (ନି.ପ୍ର): ପୂର୍ବ ପ୍ରକାଶିତ ସୂଚନା ଅନୁଯାୟୀ ଜମିଜମା ରେକର୍ଡ଼, ଭୂ ନକ୍ସା ସମ୍ପର୍କିତ କମ୍ପ୍ୟୁଟରୀକରଣ କାର୍ଯ୍ୟ ଓ ଅନ୍ୟ କେତେକ ମାନଦଣ୍ଡ ଆଧାରରେ ଭୂମି ସମ୍ମାନ ପ୍ଲାଟିନମ୍ ସାର୍ଟିଫିକେଟ୍ ପାଇବା ପାଇଁ ଦେଶର ୬୮ ଜିଲ୍ଲା ମଧ୍ୟରେ ଭଦ୍ରକ ଜିଲ୍ଲା ସ୍ଥାନ ପାଇଥିଲା । ଏଥିପାଇଁ ୧୮ ତାରିଖ ମଙ୍ଗଳବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପୂର୍ବାହ୍ନ ୧୧ଟାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ତାଙ୍କ ଟିମ୍‌ରେ ଥିବା ଉପଜିଲ୍ଲାପାଳ ମନୋଜ ପାତ୍ର ଏବଂ ଅତରିକ୍ତ ଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଉକ୍ତ ପୁରସ୍କାର ଉତ୍ସବରେ ଯୋଗଦାନ କରି ସମ୍ମାନନୀୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଭଦ୍ରକ ଜିଲ୍ଲାପାଇଁ ଭୂମି ସମ୍ମାନ ପ୍ଲାଟିନମ୍ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି । ସୂଚନା ଯୋଗ୍ୟକି ଜିଲ୍ଲାପାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତିଙ୍କ ମାର୍ଗଦର୍ଶନରେ ଜିଲ୍ଲାର ସମସ୍ତ ତହସିଲଦାର ଓ ତହସିଲର ସମ୍ପୃକ୍ତ କର୍ମଚାରୀମାନଙ୍କ ସାମୂହିକ ଉଦ୍ୟମ ଯୋଗୁଁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାକୁ ଏହି ସମ୍ମାନ ପ୍ରାପ୍ତ ହୋଇଛି ।

ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ, ୧୮/୦୭ (ନି.ପ୍ର): 'ପ୍ରାଣୀଜଗତର ମୂଳବୋଧ ହିଁ ବର୍ଷା।' ବୋଲି ଭଦ୍ରକ କଲ୍ୟାଣୀନଗର, ସାମରାଇପୁର ସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ଆନୁକୂଲ୍ୟରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ଶିକ୍ଷାବିତ୍, ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । 'ଆମ କବିତାରେ ବର୍ଷା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପ୍ରାଧାପିକା ଝରଣା ପଟ୍ଟନାୟକ, ବରେଣ୍ୟ ଅତିଥି ଡ. ଗୋଲକ ବିହାରୀ ସାହୁ, ସମ୍ମାନନୀୟ ଅତିଥି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନୀହାର ରଂଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ନାରାୟଣ ଚନ୍ଦ୍ର ପାଢ଼ୀ, ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଭାନୁମତୀ ମାଟିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ କରିଥିଲେ ଓ ପରିଷଦ ଆହୁରି ଅନେକ ସେବା ମୂଳକ କର୍ମ ଆଗକୁ ଆୟୋଜନ କରିବ ବୋଲି ଆଶା ପୋଷଣ କରିଥିଲେ । ଅଧିବକ୍ତା ମନୋରଂଜନ ଦାସ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲେ । କବି, ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ହରିଶ୍ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ଦାସ, ପ୍ରଭାତ ନଳିନୀ ମହାପାତ୍ର, ସଂଯୁକ୍ତା ବଳ, ନୀରନ୍ ନାୟକ, ଗୌରାଙ୍ଗ ଚନ୍ଦ୍ର ବାରିକ୍, ନରେଶ ଚନ୍ଦ୍ର ଲେଙ୍କା, ସତ୍ୟ ସେଠୀ, ମଧୁସୂଦନ ମହାପାତ୍ର, ପିତାମ୍ବର ଦାଶ୍, ବିପ୍ଳବ କୁମାର ହୋତା, ଅମୀୟ କୁମାର ମହାପାତ୍ର, କୈଳାସ ଦାସ, ନିରଞ୍ଜନ ନାୟକ, ରଜତ କୁମାର ସାହୁ, ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ, ସରୋଜିନୀ ନାୟକ, ଡ. ମମତା ସାହୁ, ମାନସ ରଂଜନ ପଣ୍ଡା, ଅଂଶୁମାନ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବେଦପାଠ କରିଥିଲେ କେଦାରନାଥ ମହାପାତ୍ର, ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ନମିତା ରାଣୀ ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲେ ପାର୍ଥସାରଥୀ ମହାନ୍ତି ଓ ମଞ୍ଚ ପରିଚାଳନା କରିଥିଲେ ସହସମ୍ପାଦିକା ମମତାରାଣୀ ଦାଶ୍ ।

ସାମାଜିକ ନ୍ୟାୟ ଓ ଅଧିକାର ଅଭିଯାନ ପକ୍ଷରୁ ବୈଠକ

ବାରିପଦା , ୧୮/୦୭ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବର ସମ୍ମିଳନୀ କକ୍ଷରେ ସାମାଜିକ ନ୍ୟାୟ ଓ ଅଧିକାର ଅଭିଯାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଏସଟି, ଏସସି ଓ ଓବିସି ଗୋଷ୍ଠୀର ବିଭିନ୍ନ ସାମାଜିକ ସଂଗଠନ, ଅଗ୍ରଣୀ ସଂଗଠକ ଓ ରାଜନୀତିଜ୍ଞ ମାନଙ୍କୁ ନେଇ ସାମ୍ବିଧାନିକ ଅଧିକାର ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଡଭୋକେଟ ଅବନୀ କୁମାର ମହାନ୍ତଙ୍କ ଅଧକ୍ଷତାରେ ଓ ଯୁବନେତା ରାକେଶ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବିଧାନର ୩୪୦, ୩୪୧ ଓ ୩୪୨ ଧାରା ଅନୁସାରେ ଯେଉଁ ସାମ୍ବିଧାନିକ ଅଧିକାର ଦିଆଯାଇଛି ତାହାର କିପରି ଉଲଂଘନ ହେଉଛି ଓ ବିଭିନ୍ନ କ୍ଷେତ୍ରରେ ଏହି ଧାରା ଓବିସି, ଏସସି ଓ ଏସଟିଙ୍କୁ ତାଙ୍କ ସଂଖ୍ ?ଯାନୁପାତିକ ଅଧିକାରରୁ କିପରି ବଞ୍ଚିତ କରାଯାଉଛି ସେ ବିଷୟରେ ବ୍ୟାପକ ଆଲୋଚନା କରାଯାଇଛି । ଚଳିତବର୍ଷ ଠାରୁ ଓଡ଼ିଶାରେ ବସବାସ କରୁଥିବା ୫୪% ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଚାକିରୀ ଓ ଶିକ୍ଷାରେ ୨୭% ସଂରକ୍ଷଣ ପ୍ରଦାନ ପାଇଁ ତଥା ଅନୁସୂଚୀତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଂଖ୍ୟା ଅନୁପାତରେ ୪୦% ସଂରକ୍ଷଣ ସୁବିଧା ଦେବା ପାଇଁ ଦାବୀ କରାଯାଇଛି । ଏହି ହାରରେ ସଂରକ୍ଷଣ ଲାଗୁ ନହେବା ଯୋଗୁଁ ବିଗତ ୧୫ ବର୍ଷରେ ଏମାନେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ଯେତିକି ଆସନ ହରାଇଛନ୍ତି ତାହାକୁ ସ୍ୱତନ୍ତ୍ର ନିଯୁକ୍ତି ଓ ନାମଲେଖା ଜରିଆରେ ପୂରଣ କରିବାକୁ ଦାବୀ କରାଯାଇଛି । ବିଗତ ୨୦ ବର୍ଷଧରି ଏମାନଙ୍କ ପାଇଁ ଥିବା ଫାଇନାନ୍ସ କର୍ପୋରେସନ ନାମକୁ ମାତ୍ର ରହିଛି, ଗୋଟିଏ ଟଙ୍କାବି ରୁଣ କାହାକୁ ପ୍ରଦାନ କରାଯାଇ ନାହିଁ । ତେଣୁ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବୀ କରାଯାଇଛି । ଆଗାମୀ ଦିନରେ ଏ ଦାବୀକୁ ନେଇ ଆନ୍ଦୋଳନ ତୀବ୍ରତର ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଗାମୀ ଏକ ମାସ ମଧ୍ୟରେ ଜିଲ୍ଲାର ପ୍ରତି ବ୍ଲକ ସମ୍ମୁଖରେ ଏହି ଦାବୀକୁ ନେଇ ଧାରଣା ଦିଆଯିବ ଓ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାର ସିଦ୍ଧାନ୍ତ ହୋଇଛି । ଅଧ୍ୟାପକ ଗୋପବନ୍ଧୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ପ୍ରଶାସନିକ ଅଧିକାରୀ ଦୟାନିଧି ମାର୍ଣ୍ଡି, ବାଲେଶ୍ୱର ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା, ପଟ୍ଟାବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, କୁଡୁମି-ମହାନ୍ତ ମହାସଭାର ମହାସଚିବ ବସନ୍ତ କୁମାର ମହାନ୍ତ, ଆଜସୁ ଜିଲ୍ଲା ସଭାପତି ଆଲୋକ ବାସ୍କେ, ଶିକ୍ଷାବିତ ଦୂର୍ଗା ଚରଣ ପାତ୍ର, କଂଗ୍ରେସର ରାଜ୍ୟ ମିଡିଆ ସଂଯୋଜକ ଓବିସି ସେଲର ସୁକୁମାର ରଞ୍ଜନ ପ୍ରଧାନ, ପୂର୍ବତନ କୁଲିଅଣା ବ୍ଲକ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାଏକ, ବିଭିନ୍ନ ସମାଜ ଓ ବର୍ଗରୁ ବ୍ରଜ କିଶୋର ଟୁଡୁ, କରମଚାନ୍ଦ କାଳନ୍ଦି, ପଦ୍ମଲୋଚନ ମହାନ୍ତ, ଧର୍ମପଦ ମାଝୀ, ରବୀନ୍ଦ୍ର ଗିରି, ଧର୍ମପଦ ମାଝୀ, ବିରାମ ମୁର୍ମୁ, ଯୋଗେନ୍ଦ୍ର ଗୋଛାୟତ, ରବୀନ୍ଦ୍ରନାଥ ସେଠୀ, ମହେନ୍ଦ୍ରନାଥ ବେହେରା, ମହେଶ୍ୱର ବେହେରା, ଦୀପୁ ସିଂ, ଲୋକନାଥ ହାଁସଦା, ଗଦାଧର ବେହେରା, ଝାଡେଶ୍ୱର ସିଂ, ପ୍ରଣବ କୁମାର ମହାନ୍ତ, ଶାଂଖ ମୁର୍ମୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ନିମ୍ନମାନର ରାସ୍ତା ନିର୍ମାଣକୁ ନିର୍ବାହୀ ଯନ୍ତ୍ରୀଙ୍କ ଖଣ୍ଡନ

ନୂଆପଡ଼ା, ୧୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲାର ହାତୀବନ୍ଧା ଠାରୁ କିରକିଟା ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରି ଗତକାଲି ଖଡ଼ିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଦଳିତ ଅଧିକାର ମଂଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ହାତୀବନ୍ଧା ଠାରୁ କିରକିଟା ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ଗତ ସେପ୍ଟେମ୍ବର ୨୦୨୨ରେ ସରିଥିବା ସୂଚନା ଫଳକରୁ ଜଣାପଡୁଛି । ସାତ କିଲୋମିଟର ତିନିଶହ ନବେ ମିଟର ଦୀର୍ଘ ଲମ୍ବ ଏହି ରାସ୍ତାର ଅଟକଳ ମୂଲ୍ୟ ପ୍ରାୟ ୩୭୨.୫୨ ଲକ୍ଷ ଟଙ୍କା ଅଟେ । ରାସ୍ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ ୧୩୩.୮୯ ଲକ୍ଷ ଟଙ୍କା ବ୍ୟୟର ଅଟକଳ ରହିଛି । ଯାହାକି ଆସନ୍ତା ସେପ୍ଟେମ୍ବର ୨୦୨୩ ପରେ ଖର୍ଚ୍ଚ ହେବା କଥା । ମାତ୍ର ରାସ୍ତା କାମର ଏକ ମାସ ପୂର୍ଣ୍ଣ ନ ହେଉଣୁ ରାସ୍ତାର ପିଚୁ ଉପୁଡ଼ି ଯାଉଥିବା ଅଭିଯୋଗ ହୋଇଥିଲା । ଏହି ରାସ୍ତାକାମରେ ଦୁର୍ନୀତି ହୋଇଥିବା ମଂଚ ଅଭିଯୋଗ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପାଇବା ପରେ ତୁରନ୍ତ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ମୁଣ୍ଡା ଘଟଣାସ୍ଥଳକୁ ଯାଇ ରାସ୍ତା କାର୍ଯ୍ୟକୁ ଖନନ କରିଥିଲେ । ଖନନ କଳା ବେଳକୁ ସରକାରଙ୍କ ନିୟମ ଅନୁସାରେ ୨୫ ଏମଏମ ପିଚୁ ସ୍ଥାନରେ ୩୦ ଏମଏମ ପିଚୁ ପକା ଯାଇଥିବା ଦେଖିବାକୁ ମିଳିଥିଲା ।

ବିବାଦରେ ଜଳେଶ୍ୱରରେ ଛତୁଆ ବଣ୍ଟନ

ଭିତ୍ତିଭୂମି ନ ଥାଇ ମା କମଳା ଗ୍ରୁପକୁ ଯୋଗାଣ ନିର୍ଦ୍ଦେଶ : ପଡୋଶୀ ବ୍ଲକରୁ ହେଉଛି ଆମଦାନୀ

ଜଳେଶ୍ୱର ୧୮/୭(ନିପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ଥିବା ଅଂଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣରେ ହେଉଥିବା ସମସ୍ୟା ପିଛା ଛାଡୁନି । କେତେବେଳେ ବଣ୍ଟନକାରୀଙ୍କ ମଧ୍ୟରେ ସମସ୍ୟା ତ କେତେବେଳେ କୌଣସି କାରଣ ନ ଥାଇ ଏ ଗ୍ରୁପ୍‌ରୁ ସେ ଗ୍ରୁପ୍‌କୁ ଦାୟିତ୍ୱ ହସ୍ତାନ୍ତର କରାଯାଉଛି । ଏବେ ଛତୁଆ ତିଆରୀ କରି ବଣ୍ଟନ ଦାୟିତ୍ୱ କଲ୍ୟାଣମୟୀ ଏସ୍‌ଏଚ୍‌ଜି ଚଳାଇ ଆସୁଥିବା ବେଳେ କୌଣସି କାରଣ ନ ଦର୍ଶାଇ ବଣ୍ଟନ ବନ୍ଦ କରିବା ଓ ଭିତ୍ତିଭୂମୀ ନ ଥାଇ ମା କମଳା ଏସ୍‌ଏଚ୍‌ଜି ଗ୍ରୁପକୁ ଦାୟିତ୍ୱ ଦେବାନେଇ କେତେକ ସନ୍ଦେହ ପ୍ରକଟ ହୋଇଛି । ଜଳେଶ୍ୱରରେ ୩୮୦ଟି ଅଂଗନୱାଡି କେନ୍ଦ୍ର ଥିବା ବେଳେ କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ଏ ସବୁକୁ ଯୋଗାଇ ଆସୁଥିଲା । ଏବେ କୌଣସି କାରଣ ନ ଥାଇ ଉକ୍ତ ଗୋଷ୍ଠୀକୁ ଛତୁଆ ତିଆରୀ ବନ୍ଦ କରାଯାଇଥିବାରୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଗତ ମାର୍ଚ୍ଚ ମାସରୁ ଗହମ ମିଳୁନଥିବାରୁ ବାଲେଶ୍ୱର ଡିଏସ୍‌ଡବ୍ଲୁ ମା କଲ୍ୟାଣମୟୀ ଗ୍ରୁପ ନିକଟରେ ମହଜୁଦ ଥିବା ଗହମକୁ ମା କମଳା ଗ୍ରୁପକୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି କାରଣ ନ ଥାଇ କଲ୍ୟାଣମୟୀ ଗ୍ରୁପର ଛତୁଆ ବଣ୍ଟନ ବନ୍ଦ କରାଯାଇ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ମା କମଳା ଗ୍ରୁପର କୌଣସି ଭିତ୍ତିଭୂମୀ ନ ଥିବାରୁ ସେ ଛତୁଆକୁ ଭୋଗରାଇ ବ୍ଲକର କାଳୀମାତା ଏସ୍‌ଏଚ୍‌ଜି ଠାରୁ ପ୍ରସ୍ତୁତ କରି ନିଜ ନାମରେ ଷ୍ଟିକର ଲଗାଇ ଅଂଗନୱାଡି କେନ୍ଦ୍ରକୁ ବିତରଣ କରୁଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ଏପରିକି କାଳିମାତା ଏସ୍‌ଏଚଜି ଅନ୍ୟଏକ ବ୍ଲକର ଛତୁଆ କାହିଁକି ପ୍ରସ୍ତୁତ କରୁଛନ୍ତି ଓ ଏହା ପଛରେ କଣ କାରଣ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଆଜି କଲ୍ୟାଣମୟୀ ଏସ୍‌ଏଚ୍‌ଜି ଗ୍ରୁପଠାରେ ଥିବା ୩୦ କ୍ୟୁଣ୍ଟାଲ୫୭ କିଲୋ କଂଚା ଗହମ ଓ ୫୬ କ୍ୟୁଣ୍ଟାଲ୪୬ କିଲୋ ଭଜା ଗହମକୁ ମା କମଳା ଗ୍ରୁପକୁ ହସ୍ତାନ୍ତର କରାଯାଇଛି । ଭିତ୍ତି ଭୂମୀ ନ ଥିବା ଏକ ଗ୍ରୁପକୁ ଛତୁଆ ପ୍ରସ୍ତୁତି ଲାଗି ନିର୍ଦ୍ଦେଶ ଦେବା ଓ ଭୋଗରାଇ ବ୍ଲକ କାଳିମାତା ଏସ୍‌ଏଚଜି ଦ୍ୱାରା ପ୍ରସ୍ତୁତ ଛତୁଆକୁ ଜଳେଶ୍ୱରେ ବଣ୍ଟନ ହେଉଥିବା ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି । କେତେକ ଅଫିସର ସେମାନଙ୍କ ମନମୁଖୀ କାର୍ଯ୍ୟକଳପ ଯୋଗୁଁ ଜଳେଶ୍ୱରର ଛତୁଆ ପ୍ରସ୍ତୁତରେ ନାନା ପ୍ରକାର ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି ।

ଗଛକୁ ପିଟିଲା ଓମିନି: ଅଳ୍ପକେ ବର୍ତ୍ତିଲେ ୩

ବସ୍ତା , ୧୮/୦୭ (ନି.ପ୍ର): ଷୋହଳ ନମ୍ବର ଜାତୀୟ ରାଜପଥ ରୂପସା ନିକଟ ଗୋଲ୍ଡ ଫ୍ଲାକ ହୋଟେଲ ନିକଟ ରେ ଗଛକୁ ପିଟିଲା ଟାଟା ଓମିନି । ରୋଗୀ ନେଇ ଯାଉଥିବା ଟାଟା ଓମୀନି, ଅଳ୍ପକେ ବର୍ତିଲେ ଗାଡ଼ିରେ ଥିବା ୩ଜଣ ଯାତ୍ରୀ ହେଲେ ଡ୍ରାଇଭର ହାତ ଭାଙ୍ଗି ଯାଇଛି ।ଭୁବନେଶ୍ୱର ର କଳିଙ୍ଗ ହସ୍ପିଟାଲ ରୁ ରୋଗୀ ଧରି ମେଦିନପୁର ର କାନ୍ଥି ଅଭିମୁଖେ ଯାଉଥିଲେ । ଖବର ପାଇ ରୂପସା ପୋଲସ ଘଟଣା ସ୍ଥଳରେ ପହଁଚି ଆହତ ହୋଇଥିବା ଡ୍ରାଇଭର କୁ ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

ନୀଳଗିରି ପୂର୍ତ୍ତବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ: ବିପଦସଙ୍କୁଳ ଅବସ୍ଥାରେ ସଜନାଗଡ ବଡପୋଲ

ନୀଳଗିରି , ୧୮/୦୭ (ନି.ପ୍ର): ଶେରଗଡ଼ ନୀଳଗିରି - ଝରଣାଘାଟି ରାଜ୍ୟ ରାଜପଥ ୧୯ ସଜନାଗଡ଼ ନିକଟରେ ଅବସ୍ଥିତ ବଡ଼ପୋଲଟି ରାଜାରକ୍ଷଜୁଡ଼ା ଅମ୍ବଳର ବହୁ ପୁରୁଣାପୋଲ । ଦୀର୍ଘ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ପୋଲଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ । ରାଜ୍ୟ ସରକାର ପୁରୁଣା ପୋଲ ନିକଟରେ ଏହାର ବିକଳ୍ପ ସଦୃଶ ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ହେବ ନୂତନ ପୋଲ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । କିନ୍ତୁ ବାରମ୍ବାର ଏଗ୍ରିମେଣ୍ଟ କ୍ୟାନ୍ସେଲ ପରେ ସଜନାଗଡ ନୂତନପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ନିର୍ମାଣ କାର୍ଯ୍ୟର ମନ୍ଥରତା ଏବଂ ନିମ୍ନମାନର କାର୍ଯ୍ୟ ପାଇଁ ଶେଷରେ ଦିନେ ବିରାଟ ଅଘଟଣକୁ ପୂର୍ତ୍ତ ବିଭାଗ ଡାକି ଆଣିବ ଏଥିରେ ସନ୍ଦେହ ନାହିଁ । ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଭାରିଯାନ ଉକ୍ତ ପୁରୁଣା ପୋଲ ଉପରେ ଯାତାୟାତ କରିବା ସହିତ କାର , ବସ, ମୋଟର ସାଇକେଲ , ସାଇକେଲ ଆରୋହୀ ସମେତ ପାଦଚଲକ୍ଷ ଲୋକ ଯିବା ଆସିବା କରନ୍ତି । ନୂତନ ପୋଲ ନିର୍ମାଣ ବାହାନାରେ ଗତବର୍ଷ ଠିକାଦାର ଜଣକ ପୁରୁଣା ପୋଲ ସାଇଡରୁ ମାଟି ତାଡି ଦେବା ଫଳରେ ପୋଲଟି ଧସିଯିବା ଅବସ୍ଥାକୁ ଆସିଥିଲା । ତରବରିଆ ଭାବରେ ବିଭାଗ ଓ ଠିକାଦାର ଜଣକ ବାଲିବସ୍ତା ଦେବା ଫଳରେ ପୋଲଟି ଭୁଷୁଡି ଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲା । ତେବେ ଏତେ ସବୁ ଘଟଣା ଘଟିଯାଇଥିଲେବି ପୂର୍ତ୍ତ ବିଭାଗ ଜଳକା ହୋଇ ଚାହିଁ ବସିଛି । କେଉଁଦିନ ମୁଣ୍ଡ ଗଡିବ ବିଭାଗର ଚିନ୍ତା ପଶିବ । ବର୍ତ୍ତମାନ ବର୍ଷାଦିନ ପହଞ୍ଚିଯାଇଥିଲେବି ନୂଆ ପୋଲର ନିର୍ମାଣ କାମ ସରୁନାହିଁ । ଯାହାଫଳରେ ଶହେବର୍ଷର ପୁରୁଣା ପୋଲ ଉପରେ ଟନଟନ ଓଜନର ଭକ୍ଷ ରିଯାନ ସହ ସାଧାରଣ ଲୋକ ବିପଦ ସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନବନିର୍ମିତ ପୋଲଟିର ଫାଉଣ୍ଡେସନ ଉପରେ ଲୋକ ସନ୍ଧିହାନ ଅଛନ୍ତି । କାରଣ ଏହା ବୋରିଂ ନକରି ଓପୋନ ଫାଉଣ୍ଡେସନରେ ନିର୍ମାଣ ହୋଇଥିବା ଯୋଗୁଁ ସାଧାରଣରେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏତଦ୍ ଭିନ୍ନ ପୋଲଟିରେ ଢ଼ଲେଇ ଅଂଶ ପରେ ବାକିରାସ୍ତା ଅଂଶଟିରେ ମାଟି ପକାଇ କାମ ଚାଲୁ ରହିଛି । ଏହା ପୋଲ ଓ ରାସ୍ତାକୁ କେତେଦୂର ସ୍ଥାୟୀତ୍ୱ ପ୍ରଦାନ କରିବ ଦେଖିବାକୁ ବାକି ରହିଲା । କେବଳ ସଜନଷ୍ଟଗଡ ପୋଲ ନୁହେଁ ଉକ୍ତ ରାସ୍ତାରେ ନିର୍ମାଣ ହେଉଥିବା କୌଣସି ପୋଲ ଏପର୍ଯ୍ୟନ୍ତ ନସରି ଅଧୁରା ହୋଇ ପଡ଼ିରହିଛି । କେବେ ଭାଙ୍ଗିବ ପୂର୍ତ୍ତ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା; କେବେ ସଜାଗ ହୋଇ ଉତ୍ତର ଦାୟିତ୍ୱ ସାଜି ଶହଶହ ଜୀବନକୁ ବିପଦ ମୁହଁକୁ ଠେଲି ନଦେଉ ।

ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ହରିଚନ୍ଦନପୁର, ୧୮/୦୭ (ନି.ପ୍ର): ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ। ଏମିତି ଏକ ଜଘନ